

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:162✦7 October 2026 (Wednesday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୬୨✦୭ ଅକ୍ଟୋବର ୨୦୨୬ (ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ପଦାର୍ଥ ବିଜ୍ଞାନରେ ବେଲଜିୟମ୍ ବୈଜ୍ଞାନିକ ଫ୍ରାନ୍ସିସ୍ ହାଲଜେନ୍‌ଙ୍କୁ ନୋବେଲ ପୁରସ୍କାର



ଷ୍ଟକହୋମ୍,୬/୧୦: ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନସ୍ସେ ପକ୍ଷରୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ବୈଜ୍ଞାନିକ ଫ୍ରାନ୍ସିସ୍ ହାଲଜେନ୍‌ଙ୍କୁ ପ୍ରଦାନ କରାଯାଇଛି । ଫ୍ରାନ୍ସିସ୍ ଲୁଇସ୍ ହାଲଜେନ୍ ଜଣେ ବେଲଜିୟମ୍ କଣିକା ବା ପାର୍ଟିକିଲ୍ ଭୌତିକବିଦ୍ । ସେ ୱିସ୍କନସିନ୍-ମାଡିସନ୍ ବିଶ୍ୱବିଦ୍ୟାଳୟର ହିଲଡେଲ୍ ଏବଂ ଗ୍ରେଗୋରୀ ବ୍ରେଟ୍ ବିଶିଷ୍ଟ ପ୍ରଫେସର ଏବଂ ଏହାର ପ୍ରାଥମିକ ପାର୍ଟିକିଲ୍ ଫିଜିକ୍ସ ଇନଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ।ତାଙ୍କୁ ଆଇସ୍‌କ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରୀ ଏବଂ ଜ୍ୟୋତିର୍ବିକ ଉତ୍ପତ୍ତିର ଉଚ୍ଚ-ଶକ୍ତି ନ୍ୟୁଟ୍ରିନୋ ଆବିଷ୍କାରରେ ତାଙ୍କର ନିର୍ଣ୍ଣାୟକ ଅବଦାନ ପାଇଁ ଏହି ସମ୍ମାନଜନକ ସମ୍ମାନ ପ୍ରଦାନ କରାଯାଇଛି । ସେ ଦକ୍ଷିଣ ମେରୁର ବରଫ ଚାଦର ବ୍ୟବହାର କରି ନ୍ୟୁଟ୍ରିନୋ ନାମକ ରହସ୍ୟମୟ କଣିକାଗୁଡ଼ିକୁ ଟ୍ରାକ୍ କରିବା ପାଇଁ ଏକ କୌଶଳ ବିକଶିତ କରିଥିଲେ, ଯାହା ଜ୍ୟୋତିର୍ବିଜ୍ଞାନର ଏକ ସମ୍ପୂର୍ଣ୍ଣ ନୂତନ ଶାଖାର ମୂଳଦୁଆ ସ୍ଥାପନ କରିଛି । ୨୦୨୬ ବର୍ଷ ପାଇଁ ନୋବେଲ ପୁରସ୍କାର ରାଶି ୧୨ ନିୟୁତ ସ୍ୱିଡିସ୍ କ୍ରୋନର(ଭାରତୀୟ ମୁଦ୍ରାରେ ପ୍ରାୟ ୧୧.୫ ରୁ ୧୨ କୋଟି)ସ୍ଥିର କରାଯାଇଛି । ବୈଜ୍ଞାନିକଙ୍କ ଅନୁସାରେ,ବ୍ରହ୍ମାଣ୍ଡରେ ପ୍ରାକୃତିକ କଣିକା ତ୍ୱରକ ରହିଛି ଯାହା ପୃଥିବୀ-ଭିତିକ ପରୀକ୍ଷାଗାରରେ ହାସଲ କରାଯାଇଥିବା ଶକ୍ତି ଅପେକ୍ଷା ଦଶ ଲକ୍ଷ ଗୁଣ ଅଧିକ ଶକ୍ତି ସହିତ କଣିକା ଉତ୍ପାଦନ କରିପାରିବ । ସେମାନଙ୍କର ଉତ୍ସ ଏବଂ ପ୍ରକ୍ରିୟାଗୁଡ଼ିକ ପ୍ରାୟତଃ ରହସ୍ୟମୟ ହୋଇ ରହିଛି । ଅତ୍ୟନ୍ତ ଉଚ୍ଚ-ଶକ୍ତି ସମ୍ପନ୍ନ ନ୍ୟୁଟ୍ରିନୋ ଦିଗ ପରିବର୍ତ୍ତନ ନକରି କିମ୍ବା ଶକ୍ତି ନହରାଇ ପୃଥିବୀକୁ ଆସି ପାରିବ । ଏହି ମହାଜାଗତିକ ତ୍ୱରକ ବିଷୟରେ ଅନନ୍ୟ ସୂଚନା ପ୍ରଦାନ କରିଥାନ୍ତି । ଅତ୍ୟନ୍ତ ଉଚ୍ଚ-ଶକ୍ତି ବିଶିଷ୍ଟ ମହାଜାଗତିକ ନ୍ୟୁଟ୍ରିନୋ ବିରଳ । ସେମାନଙ୍କର ପାରସ୍ପରିକ କ୍ରିୟା ଚିହ୍ନଟ କରିବା ପାଇଁ ପ୍ରଚୁର ପରିମାଣର ବରଫ ଆବଶ୍ୟକ । ପ୍ରାୟ ୧ ଘନ କିଲୋମିଟର ବ୍ୟାପୀ ଆଇସକ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରୀ ଗବେଷଣା କାର୍ଯ୍ୟ ୨୦୧୧ରେ ସମାପ୍ତ ହୋଇଥିଲା । ଗବେଷକମାନେ ପ୍ରଥମ ଉଚ୍ଚ-ଶକ୍ତି ନ୍ୟୁଟ୍ରିନୋ ଚିହ୍ନଟ କରିଥିଲେ ଏବଂ ପରେ ସୌରମଣ୍ଡଳ ବାହାରେ ଉତ୍ପନ୍ନ ନ୍ୟୁଟ୍ରିନୋଗୁଡ଼ିକୁ ନିଶ୍ଚିତ କରିଥିଲେ ।

## ଆସିବ ‘ପ୍ଲାଷ୍ଟିକ୍ ଅପସାଇକ୍ଲିଂ ନୀତି’

ଭୁବନେଶ୍ୱର,୬/୧୦(ନି/ପ୍ର): ସହରାଚଂଳରେ ପ୍ଲାଷ୍ଟିକ୍ ଆବର୍ଜନା ସମସ୍ୟାର ସମାଧାନ ଏବଂ ଏହାର ପୁନଃବ୍ୟବହାର ଦିଗରେ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି । ଖୁବଶୀଘ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ‘ପ୍ଲାଷ୍ଟିକ୍‌ଅପସାଇକ୍ଲିଂ ପଲିସି’ ଲାଗୁ ହେବ । ମିଳିତ ଜାତିସଂଘର ୟୁଏନ୍-ହ୍ୟାବିଟାଟ୍‌ସହାୟତାରେ ଏହି ନୂତନ ନୀତିର ଚିଠା ବା ଡ୍ରାଫ୍ଟ ପ୍ରସ୍ତୁତ କରାଯାଉଛି । ବିଶେଷକରି କମ୍ ମୂଲ୍ୟର ବର୍ଜ୍ୟ ପ୍ଲାଷ୍ଟିକକୁଉପଯୋଗ କରିସ୍ଥାୟୀ ଗୃହ ନିର୍ମାଣ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଭୁବନେଶ୍ୱରର ଏକ ସ୍ଥାନୀୟ ଏମଏସଏମଇଉଦ୍ୟୋଗ ସହ ମିଶିକାର୍ଯ୍ୟ କରାଯାଉଥିବା ନେଇ ସୂଚନା ମିଳିଛି ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ ‘ଉତ୍କଳ ସମାଚାର’ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


# ଏସଆଇଆରକୁ ନେଇ ଦିଲ୍ଲୀରେ ବିରୋଧୀଙ୍କ ମେଳି




## ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଇଣ୍ଡିଆ ମେଣ୍ଟର ବିକ୍ଷୋଭ

ନୂଆଦିଲ୍ଲୀ,୬/୧୦:ଏସଆଇଆରକୁ ନେଇ ବିରୋଧୀଙ୍କ ମେଳି । ଲିଷ୍ଟରୁ ଭୋଟରଙ୍କ ନାଁ ବାଦ୍ ଦିଆଯିବା ଅଭିଯୋଗକୁ ନେଇ ଆଜି ଦିଲ୍ଲୀରେ ବିରୋଧୀ ଦଳ ପ୍ରତିବାଦ ପଦଯାତ୍ରା କରିଛି । ଇଣ୍ଡିଆ ବ୍ଲକ ପ୍ରତିବାଦରେ ସାମିଲ ହୋଇଛି ବିଜେଡି । ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ‘ଓଘଡଓଇ’ ବ୍ଲକ ବିକ୍ଷୋଭ ପ୍ରଦର୍ଶନ କରିଛି । ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ରାଜଧାନୀ ଦିଲ୍ଲୀରେ ଗର୍ଜିଛନ୍ତି ବିରୋଧୀ ଦଳ । ଦିଲ୍ଲୀରେ ନିର୍ବାଚନ କମିଶନ(ଇସି)ଙ୍କ ମୁଖ୍ୟାଳୟ ଘେରାଉ କରିଛନ୍ତି । ବିରୋଧୀଙ୍କ ‘ଇଣ୍ଡି’ ମେଣ୍ଟର ସାଂସଦମାନେ ‘ଗଣତନ୍ତ୍ର ବଚାଂଅ’ ପଦଯାତ୍ରାରେ ବାହାରିଛନ୍ତି । ୧୪୦ରୁ ଅଧିକ ସାଂସଦ ସଂସଦରୁ ଇସି ମୁଖ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ଚାଲି ଚାଲି ବାହାରିଥିଲେ । ସଂସଦଠାରୁ ପ୍ରାୟ ୫୦୦ ମିଟର ଯିବା ପରେ ଅଟକିଛନ୍ତି । ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭାଦ୍ରା, ‘ଇଣ୍ଡିଆ’ (ଓଘଡଓଇ) ମେଣ୍ଟର ଅନ୍ୟ ସାଂସଦମାନଙ୍କ ସହ ଭାରତୀୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟକୁ ଯିବା ବାଟରେ ନୀତି ଆୟୋଗ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଇଣ୍ଡି ମେଣ୍ଟ ବିକ୍ଷୋଭକୁ ନେଇ କଂଗ୍ରେସ ଅଧକ୍ଷ ମଲ୍ଲିକର୍ଜୁନ ଖଡ଼ଗେ କହିଛନ୍ତି, ଆମେ ଅନ୍ୟାୟ ବିରୁଦ୍ଧରେ ଲଢୁଛୁ । ସ୍ୱାଧୀନତା ପରେ ଆମକୁ ମିଳିଥିବା ସାବାଳକ ଭୋଟ୍ ଅଧିକାରକୁ ସମାପ୍ତ କରିବାକୁ ସରକାର ଚେଷ୍ଟା କରୁଛନ୍ତି ଏବଂ ମୁଖ୍ୟ ନିର୍ବାଚନ କମିଶନର (ଉରଉ) ହେଉଛନ୍ତି ସରକାରଙ୍କର ଏକ କଣ୍ଢେଇ । କେନ୍ଦ୍ର ସରକାର ଯାହା କୁହନ୍ତି, ସେ ତାହା ହିଁ କରନ୍ତି । ଏହା ଦେଶରେ ଏକଛତ୍ରବାଦ ଆଣିବ । ଆମେ ଲଢ଼େଇ ଜାରି ରଖିବୁ । ସମାଜବାଦୀ ପାର୍ଟି ସାଂସଦ ଅଖିଳେଶ ଯାଦବ କହିଛନ୍ତି, ‘ଅତୀତରେ ମଧ୍ୟ ନିର୍ବାଚନ ଆୟୋଗଙ୍କ ବିରୁଦ୍ଧରେ ଅଭିଯୋଗ ଅଣାଯାଇଛି । ୨୦୧୭, ୨୦୧୯, ୨୦୨୨ ଏବଂ ୨୦୨୪ରେ ନିର୍ବାଚନ ଆୟୋଗ ଅସାଧୁତା ଅବଲମ୍ବନ କରିଥିଲେ ଏବଂ ବଙ୍ଗଳାରେ ସେମାନେ ସମ୍ପୂର୍ଣ୍ଣ ଖେଳ ଖେଳିଥିଲେ । ଚଣ୍ଡିଗଡ଼ ଘଟଣାକ୍ରମକୁ କିଏ ବା ଭୁଲିପାରିବ? ଦଳର ୩ଟି ମୁଖ୍ୟ ଦାବିକୁ ନେଇ କୌଣସି ପ୍ରକାର ସାଲିସ କରାଯିବ ନାହିଁ । ତାହା ହେଉଛି ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏସ୍ଆଇଆର୍ ରଦ୍ଦ ଏବଂ ବାଲଟ୍ ପେପରରେ ନିର୍ବାଚନ । ଦେଶବ୍ୟାପୀ କଂଗ୍ରେସ କାର୍ଯ୍ୟକର୍ତା ଏବଂ ‘ଇଣ୍ଡି’ ମେଣ୍ଟ ସାଥୀମାନେ ଏହି ୩ଟି ପ୍ରସଙ୍ଗକୁ ନେଇ ରାସ୍ତାକୁ ଓହ୍ଲାଇଛନ୍ତି । ଫର୍ମ-୬ରେ କୌଣସି ସଂଶୋଧନକୁ ସୁପ୍ରିମକୋର୍ଟ ମଞ୍ଜୁରି ଦେଇ ନ ଥିବା ଗତକାଲି ସ୍ପଷ୍ଟ କରିବା ପରେ କଂଗ୍ରେସ ଆହୁରି ଆକ୍ରାମକ ହୋଇଛି । ସିଇସିଙ୍କ ବିରୋଧରେ ଚାଲିଥିବା ଆନ୍ଦୋଳନକୁଆହୁରିବ୍ୟାପକ କରିବା ପାଇଁ ଗତକାଲି ବଡ଼ ଘୋଷଣା କରିଥିଲା । ଏହିପରିପ୍ରେକ୍ଷୀରେ କଂଗ୍ରେସ ଦେଶବ୍ୟାପୀ ‘ଭୋଟ ବଚାଂଅ, ଦେଶ ବଚାଂଅ’ ଅଭିଯାନ ଆରମ୍ଭ କରିଛି । ଗାଁ ଓ ବ୍ଲକରୁ ଦିଲ୍ଲୀ ଯାଏ ଚାଲିବ ବିକ୍ଷୋଭ । ଅକ୍ଟୋବର ୧୦ରୁ ନଭେମ୍ବର ୨୬ ଯାଏ ବଡ଼ କାର୍ଯ୍ୟକ୍ରମ ରହିଛି ।

# ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତି ଗାଇ ପାରମେଲିନଙ୍କ ଭାରତ ଗସ୍ତ

ନୂଆଦିଲ୍ଲୀ,୬/୧୦:ତିନି ଦିନିଆ ଭାରତ ଗସ୍ତରେ ଆସିଥିବା ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତି ଗାଇ ପାରମେଲିନଙ୍କୁ ସୋମବାର ସକାଳେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭବ୍ୟ ସ୍ୱାଗତ କରିଥିଲେ । ଏହି ସମୟରେ ତାଙ୍କୁ ତ୍ରି-ସେବା ‘ଗାର୍ଡ ଅଫ୍ ଅନର୍’ପ୍ରଦାନ କରାଯାଇଥିଲା ।ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିମନ୍ତ୍ରଣ କ୍ରମେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସହିତ ଦିଲ୍ଲୀ ପହଚିଂଥିବା ରାଷ୍ଟ୍ରପତି ଗାଇ ପାରମେଲିନଙ୍କୁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ଟମଟା ବିମାନବନ୍ଦରରେ ସ୍ୱାଗତ କରିଥିଲେ । ବିମାନବନ୍ଦରରେ ତାଙ୍କୁ ଆନୁଷ୍ଠାନିକ ‘ଷ୍ଟାଟିକ୍ ଗାର୍ଡ ’ସମ୍ମାନ ପ୍ରଦାନ କରାଯାଇଥିଲା ।ଆନୁଷ୍ଠାନିକ ସ୍ୱାଗତ ପରେ ରାଷ୍ଟ୍ରପତି ପାରମେଲିନ କହିଥିଲେ ଯେ ତାଙ୍କ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଗସ୍ତ ଭାରତ ଏବଂ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ (ଇ. ଏଫ୍. ଟି. ଏ.) ମଧ୍ୟରେ ଐତିହାସିକ ବାଣିଜ୍ୟ ରାଜିନାମାର ପ୍ରଥମ ବାର୍ଷିକୀ ଅବସରରେ ଅନୁଷ୍ଠିତ ହେଉଛି ।

# ଫ୍ଲାଏଦୁବାଇ ବିମାନ ଆକ୍ରମଣ ନେଇ ଟ୍ରମ୍ପ ଏବଂ ଭାନ୍ସଙ୍କ ମତ ଭିନ୍ନ:



## ରାଷ୍ଟ୍ରପତି କହିଲେ ଇରାନର ହାତ

ୱାସିଂଟନ,୬/୧୦: ସେପଟ୍ଟେମ୍ବର ୩୦ ତାରିଖରେ ଦୁବାଇରୁ ଇସ୍ରାଏଲର ତେଲ ଅଭିଭ ଯାଉଥିବା ଫ୍ଲାଏଦୁବାଇ ବିମାନରେ ଯାହା ଘଟିଥିଲା ତାହା ସମସ୍ତଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି । ସୌଭାଗ୍ୟବଶତଃ ପାଇଲଟ୍ ଏବଂ କିଛି ଯାତ୍ରୀଙ୍କ ସାହସ ପାଇଁ ୧୭୪ ଜଣଙ୍କ ଜୀବନ ରକ୍ଷା ପାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ୟକ୍ତିଗତ ଭାବରେ ଅନୁମାନ କରୁଛନ୍ତି ଯେ, ଏହି ଆକ୍ରମଣ ପାଇଁ ଇରାନ ଦାୟୀ । ତେବେ ଆମେରିକା ଉପରାଷ୍ଟ୍ରପତି ଜେଡ଼ି ଭାନ୍ସ ଏନେଇ ଟ୍ରମ୍ପଙ୍କ ସହ ଏକମତ ନୁହଁନ୍ତି । ସେ କହିଛନ୍ତି ଯେ, ଏହାକୁ ପ୍ରମାଣ କରିବା ପାଇଁ ଆମ ପାଖରେ କୌଣସି ଠୋସ୍ ପ୍ରମାଣ ନାହିଁ । ଟ୍ରମ୍ପଙ୍କୁ ସାମ୍ବାଦିକ ପଚାରିଥିଲେ ଯେ, ସେ କ’ଣ ଫ୍ଲାଏଦୁବାଇ ବିମାନରେ ଆତଙ୍କବାଦୀ ଆକ୍ରମଣ ପାଇଁ ଇରାନ ଦାୟୀ ବୋଲି ଭାବୁଛନ୍ତି କି? ଟ୍ରମ୍ପ ହଁ ଉତର ଦେଇ କହିଥିଲେ, ମୁଁ ବ୍ୟକ୍ତିଗତ ଭାବରେ ଏହା ଅନୁମାନ କରୁଛି । ତେବେ ଭାନ୍ସଙ୍କ ମତାମତ ଟ୍ରମ୍ପଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ରହିଛି । ଜେଡି ଭାନ୍ସ କହିଛନ୍ତି ଯେ, ବିମାନ ଉପରେ ଆକ୍ରମଣରେ ଇରାନ ସମ୍ପୃକ୍ତ ଥିବା ଦାବିକୁ ସମର୍ଥନ କରିବା ପାଇଁ କୌଣସି ପ୍ରମାଣ ନାହିଁ । ଆକ୍ରମଣ ଇରାନ କରିଥିବା ନେଇ ସେପରି କୌଣସି ଠୋସ୍ ପ୍ରମାଣ ମିଳିନାହିଁ । ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଏହି ଘଟଣା ପରେ ଟ୍ରମ୍ପ ପ୍ରଶାସନ ଆମେରିକାରେ ଉଡ଼ାଣ ପ୍ରକ୍ରିୟା ସମୀକ୍ଷା କରୁଛନ୍ତି । ତେବେ ୟୁଏଇ ବିମାନ ଉପରେ ଆକ୍ରମଣକୁ ଏକ ଆତଙ୍କବାଦୀ ପ୍ରୟାସ ବୋଲି କହିଛି ବୋଲି ସେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ଆକ୍ରମଣ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ କରାଯାଇଛି । ଇରାନର କନସଲ ଜେନେରାଲ ସଇଦ ରେଜା ମୋସାଏବ ମୋଟଲାଘ ଭାରତୀୟ ପାଇଲଟ ସ୍ମିତ୍ ମାଚ୍ଛରଙ୍କୁ ପ୍ରଶଂସା କରି କହିଛନ୍ତି ଯେ, ମାନବ ଜୀବନ ରକ୍ଷା କରିବା ସର୍ବଦା ପ୍ରଶଂସନୀୟ ଏବଂ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଶହ ଶହ ଜୀବନ ବଚାଂଇଛି । ସେ ଇସ୍ରାଏଲକୁ ଟାର୍ଗେଟ କରି ଦାବି କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ହାତେଇବା ପାଇଁ ଇସ୍ରାଏଲ ଦ୍ୱାରା ଏହା ସଂଗଠିତ ହୋଇଥିଲା । ବିମାନରେ ଅଧିକାଂଶ ଯାତ୍ରୀ ମଧ୍ୟ ଇସ୍ରାଏଲୀ ଥିଲେ ବୋଲି ସେ କହିଛନ୍ତି ।

# ରୁଷ୍‌ରେ ନ୍ୟୁମୋନିକ୍ ପ୍ଲେଗ୍; ସଙ୍ଗରୋଧରେ ୨ ଶହରୁ ଅଧିକ



ମସ୍କୋ,୬/୧୦: ରୁଷିଆର ସାଇବେରିଆ ଅନ୍ତର୍ଗତ ଇରକୁଟସ୍କରେ ନ୍ୟୁମୋନିକ୍ ପ୍ଲେଗ୍‌ରେ ଜଣେ ୨୮ ବର୍ଷୀୟା ମହିଳା ଲ୍ୟାବ୍ ଟେକ୍ନିସିଆନ୍‌ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୫ଟି ହସ୍ପିଟାଲକୁ ବନ୍ଦ କରିଦିଆଯାଇଛି ଏବଂ ୨୦୦ରୁ ଅଧିକ ଲୋକଙ୍କୁ ସଙ୍ଗରୋଧ (କ୍ୱାରେଟାଂଇନ୍) କରାଯାଇଛି । ଏହି ମାମଲାଟି ସେଲେଖଭରେ ଥିବା ଆଟିଂ-ପ୍ଲେଗ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ଘଟିଛି । ମୃତକଙ୍କ ନାମ ଡାରିଆ ସିପିଲୋଭା । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଶିପିଲୋଭା ହସ୍ପିଟାଲର ଡାକ୍ତରୀ କର୍ମଚାରୀଙ୍କୁ କହିଥିଲେ ଯେ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରିବା ସମୟରେ ସେ ଭୁଲ୍‌ବଶତଃ ଜୀବନ୍ତ ୟର୍ସିନିଆ ପେଷ୍ଟିସ୍ ବ୍ୟାକ୍ଟେରିଆ ଥିବା ଏକ ଟେଷ୍ଟ ଟ୍ୟୁବ୍ ଭାଙ୍ଗି ଦେଇଥିଲେ । ଏହି ସମୟରେ ସେ ନ୍ୟୁମୋନିକ୍ ପ୍ଲେଗ୍‌ରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି । ଡାରିଆ ସିପିଲୋଭାଙ୍କଠାରେ ସେପଟ୍ଟେମ୍ବର ୨୯ ତାରିଖରେ ଗୁରୁତର ନ୍ୟୁମୋନିକ୍ ପ୍ଲେଗ୍‌ର ଲକ୍ଷଣ ଦେଖାଦେଇଥିଲା । ତାଙ୍କୁ ଚିକିତ୍ସା ଲାଗି ସେଲେଖଭରେ ଏକ ହସ୍ପିଟାଲରେ ଭର୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଆହୁରି ଖରାପ ହେବା ପରେ ତାଙ୍କୁ ଭେଟିଂଲେଟରରେ ରଖାଯାଇଥିଲା । ଚିକିତ୍ସା ସମୟରେ ତାଙ୍କର କିଛିଦିନ ତଳେ ମୃତ୍ୟୁ ହୋଇଥିଲା ।

# ନାଇଜେରିଆରେ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ, ୩୨ ମୃତ



ଆବୁଜା,୬/୧୦: ଦକ୍ଷିଣ ନାଇଜେରିଆର ବେନିନ୍ ସିଟିରୁ ଲାଗୋସ୍ ଅଭିମୁଖେ ଯାଉଥିବା ଏକ ‘ନିୟମିତ ଅଭିଯାନ’ରେ ଯାଉଥିବା ସାମରିକ ବିମାନ ଦୁର୍ଘଟଣାର ସାମ୍ନା କରିଛି । ଏହି ଦୁର୍ଘଟଣାରେ ୨୫ ଜଣ ଯାତ୍ରୀ ଏବଂ ୭ ଜଣ କ୍ରୁ ସଦସ୍ୟଙ୍କର ମୃତ୍ୟୁ ଘଟିଛି । ଦକ୍ଷିଣ-ପଶ୍ଚିମ ଓଣ୍ଡୋ ରାଜ୍ୟର ଇଗ୍‌ବୋକୋଡା ଠାରେ ଏହି ଦୁର୍ଘଟଣା ଘଟିଛି । ଟିନୁବୁଙ୍କ କାର୍ଯ୍ୟାଳୟ ଏକ ବିବୃତ୍ତିରେ କହିଛି ଯେ, ରାଷ୍ଟ୍ରପତି ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୫ ଜଣ ଯାତ୍ରୀ ଏବଂ ୭ ଜଣ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ଆମ ସଶସ୍ତ୍ର ବାହିନୀ ଏବଂ ସମଗ୍ର ଦେଶ ପାଇଁ ଏହା ଏକ ଦୁଃଖଦ ମୁହୂର୍ତ୍ତ ବୋଲି ସେ କହିଛନ୍ତି । ଟିନୁବୁଙ୍କ ମୁଖପାତ୍ର ବାୟୋ ଓନାନୁଗା ପରବର୍ତ୍ତୀ ସମୟରେ ଏକ ବିବୃତ୍ତିରେ କହିଛନ୍ତି ଯେ, ରାଷ୍ଟ୍ରପତି ‘ଦୁର୍ଘଟଣାରେ ପ୍ରାଣ ହରାଇଥିବା ବାୟୁସେନା କର୍ମଚାରୀଙ୍କ ପାଇଁ ତିନି ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି ।’ ସେ ଅଧିକାରୀମାନଙ୍କ ପ୍ରତି ସମ୍ମାନ ଜଣାଇବା ପାଇଁ ସାରା ଦେଶରେ ଜାତୀୟ ପତାକାକୁ ଅର୍ଦ୍ଧନମିତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କହିଛି ଯେ, ମୃତକଙ୍କ ପରିବାରକୁ ସୂଚନା ଦେବା ପରେ ବାୟୁସେନା ସେମାନଙ୍କ ପରିଚୟ ପ୍ରକାଶ କରିବ । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଏବଂ ବିମାନ ଚଳାଚଳ ମନ୍ତ୍ରୀ ଫେଷ୍ଟସ୍ କେୟାମୋଙ୍କ ଅନୁଯାୟୀ, ବିମାନଟି ଏକ ନୌସେନା ଘାଟି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଉଭୟ ଏହାକୁ ଏକ ଇଞ୍ଜଜ-୪୨ ବିମାନ ବୋଲି ବର୍ଣ୍ଣନା କରିଛନ୍ତି - ଯାହା ଏକ ଟ୍ୱିନ୍-ଇଞ୍ଜିନ୍ ଟର୍ବୋପ୍ରୋପ୍ ବିମାନ ଏବଂ ଉତ୍ପାଦନକାରୀଙ୍କ ଅନୁଯାୟୀ ଏଥିରେ ୩୦ ରୁ ୫୦ ଜଣ ଯାତ୍ରୀ ଯାତ୍ରା କରିପାରିବେ । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି ଯେ ଏକ ନଦୀ କୂଳରେ ଲୋକଙ୍କ ଭିଡ଼ ଜମିଛି ଏବଂ ଉଦ୍ଧାରକାରୀ ଦଳ ଡଙ୍ଗା ସାହାଯ୍ୟରେ ସେହି ଅଚଂଳରେ ଖୋଜାଖୋଜି କରୁଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ ‘ସେ ନାଇଜେରିଆ ବାୟୁସେନାକୁ ନିର୍ଦ୍ଦେ ପୁଲିସ୍ ମଧ୍ୟ ଦୁର୍ଘଟଣା ବିଷୟରେ ନିଶ୍ଚିତ କରିଛି କିନ୍ତୁ କୌଣସି ବିସ୍ତୃତ ତଥ୍ୟ ପ୍ରଦାନ କରିନାହିଁ ।’

# ନୀତିନ ଗଡ଼କରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି:

## ସମ୍ବଲପୁରରେ ୪ ଅଣ୍ଡରପାସ୍ ସହ ଫ୍ଲାଇଓଭର ଦାବି

ନୂଆଦିଲ୍ଲୀ/ସମ୍ବଲପୁର,୬/୧୦:ସମ୍ବଲପୁର ସଂସଦୀୟ କ୍ଷେତ୍ର ଏବଂ ଆଖପାଖ ଅଚଂଳର ଜାତୀୟ ରାଜପଥ ଭିତିଭୂମିର ବିକାଶ, ଯାତାୟାତକୁ ସୁଗମ କରିବା ତଥା ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପତ୍ର ଲେଖିଛନ୍ତି । ସମ୍ବଲପୁର ଓ ଏହାର ପାର୍ଶ୍ୱବର୍ତୀ ଅଚଂଳରେ ବୃଦ୍ଧି ପାଉଥିବା ଶିଳ୍ପ, ଖଣିଜ ଏବଂ ଆର୍ଥିକ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ଧର୍ମେନ୍ଦ୍ର ସମ୍ବଲପୁର-କଟକ ଏନଏଚ-୫୫ର ୬-ଲେନ୍ ସମ୍ପ୍ରସାରଣ ଓ ୪ଟି ଅଣ୍ଡରପାସ୍ ସହ ସମ୍ବଲପୁରରେ ଫ୍ଲାଇଓଭର ପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି । ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି, ସମ୍ବଲପୁର-ଅନୁଗୋଳ-କଟକ କରିଡର ପଶ୍ଚିମ ଓଡ଼ିଶାକୁ ରାଜ୍ୟର ପ୍ରମୁଖ ଶିଳ୍ପ, ବାଣିଜ୍ୟିକ ଏବଂ ସହରାଚଂଳ ସହ ଯୋଡୁଥିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାଜପଥ । ଏଠାରେ ଯାତ୍ରୀବାହୀ, ମାଲବାହୀ ଓ ଶିଳ୍ପ ସମ୍ବନ୍ଧୀୟ ଯାନବାହନ ଚଳାଚଳ ବୃଦ୍ଧି ପାଉଥିବାରୁ ବର୍ତମାନର ୪-ଲେନ୍ ବିଶିଷ୍ଟ ରାଜପଥକୁ ୬-ଲେନ୍‌କୁ ସମ୍ପ୍ରସାରିତ କରିବା ସହ ଉଭୟ ପାର୍ଶ୍ୱରେ ଦୁଇ-ଲେନ୍ ବିଶିଷ୍ଟ ସର୍ଭିସ୍ ରୋଡ୍ ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି । ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ଯାତାୟାତ ସହଜ ହେବ ଏବଂ ଦୁର୍ଘଟଣା ହ୍ରାସ ପାଇବ । ଦ୍ୱିତୀୟତଃ ଏନଏଚ-୫୫ର ଅନୁଗୋଳ-ସମ୍ବଲପୁର ସେକ୍ସନ୍‌ରେ ଖଣିଜ ଓ ବାଣିଜ୍ୟିକ ଯାନବାହନ ଚଳାଚଳ ହେତୁ ସ୍ଥାନୀୟ ଲୋକ ଓ ପଦଚାରୀଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି । ସଡ଼କ ସୁରକ୍ଷାକୁ ଆଖି ଆଗରେ ରଖି ପିଆଇୟୁ ସମ୍ବଲପୁର ଦ୍ୱାରା ପ୍ରସ୍ତାବିତ ଜିନ୍ଦଲ ରୋଡ୍, ଜରପଡ଼ା, ଜେରାଙ୍ଗ ଏବଂ ଚାରମାଳ ଠାରେ ୪ଟି ଅଣ୍ଡରପାସ୍ ନିର୍ମାଣ ପାଇଁ ତୁରନ୍ତ ପ୍ରଶାସନିକ ଓ ଆର୍ଥିକ ମଞ୍ଜୁରୀ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି ।

# କାରିଗରଙ୍କ ପାଇଁ ବଡ଼ ସୁଯୋଗ :

## ଆରମ୍ଭ ହେଲା ବିଶ୍ୱକର୍ମା ଶ୍ରମ ସମ୍ମାନ ଯୋଜନା ୨.୦



ଅଯୋଧ୍ୟା,୬/୧୦: ଅଯୋଧ୍ୟାରେ ପାରମ୍ପରିକ କାରିଗର ଓ ଶ୍ରମିକଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ବିଶ୍ୱକର୍ମା ଶ୍ରମ ସମ୍ମାନ ଯୋଜନା ୨.୦ ଆରମ୍ଭ ହୋଇଛି । ଉତ୍ତରପ୍ରଦେଶର ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ଏବଂ ରପ୍ତାନି ପ୍ରୋତ୍ସାହନ ବିଭାଗ ପକ୍ଷରୁ ଏହି ଯୋଜନା ଆରମ୍ଭ କରାଯାଇଛି । ଚୟନିତ ହିତାଧିକାରୀଙ୍କୁ ୧୦ ଦିନ ପର୍ଯ୍ୟନ୍ତ ମାଗଣା ପ୍ରଶିକ୍ଷଣ ଦିଆଯିବ । ପ୍ରଶିକ୍ଷଣ ସମୟରେ ପ୍ରତ୍ୟେକ ହିତାଧିକାରୀଙ୍କୁ ଦିନକୁ ୫୦୦ ଟଙ୍କା ହିସାବରେ ମୋଟ ୫ ହଜାର ଟଙ୍କା ମାନଦେୟ ମିଳିବ । ଏହି ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପଠାଯିବ । ଏହା ସହ ପ୍ରଶିକ୍ଷଣ ସମୟରେ ମାଗଣା ଖାଦ୍ୟ ଓ ଜଳଖିଆର ବ୍ୟବସ୍ଥା ରହିଛି । ପ୍ରଶିକ୍ଷଣ ଶେଷ ହେବା ପରେ ୧୫ ହଜାର ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ ଉନ୍ନତ ଟୁଲକିଟ୍ ମାଗଣାରେ ଦିଆଯିବ । ଯୋଜନାରେ କାରିଗରଙ୍କୁ କୌଶଳ ପ୍ରମାଣପତ୍ର ମଧ୍ୟ ମିଳିବ । ଏହା ଦ୍ୱାରା ସେମାନଙ୍କ କାମର ମାନ୍ୟତା ବୃଦ୍ଧି ପାଇବା ସହ ବଜାରରେ ଚାହିଦା ବଢ଼ିବାର ସୁଯୋଗ ରହିଛି । ସ୍ୱରୋଜଗାରକୁ ସହଜ କରିବା ପାଇଁ ଯୋଜନାରେ ମାର୍ଜିନ ମନି ଋଣର ବ୍ୟବସ୍ଥା ମଧ୍ୟ କରାଯାଇଛି । ବିଶ୍ୱକର୍ମା ଶ୍ରମ ସମ୍ମାନ ଯୋଜନା ୨.୦ରେ ମୋଟ ୨୫ଟି ବ୍ୟବସାୟକୁ ସାମିଲ କରାଯାଇଛି । ଏଥିରେ ବଢ଼େଇ, ଦରଜି, କୁମ୍ଭାର, ଲୁହାର, ରାଜମିସ୍ତ୍ରୀ, ସୁନାର, ମୋଚି, ମୂର୍ତ୍ତିକାର, ମାଳାକାର ଭଳି ପାରମ୍ପରିକ କାମ ସହ ମୋବାଇଲ୍ ମରାମତି, ଅଟୋମୋବାଇଲ୍ ମରାମତି, କମ୍ପ୍ୟୁଟର ମରାମତି, ସୋଲାର ଇନ୍‌ଷ୍ଟଲେସନ୍, ଡିଜିଟାଲ ଫଟୋଗ୍ରାଫି ଓ ବ୍ୟୁଟିସିଆନ୍ ଭଳି ଆଧୁନିକ କ୍ଷେତ୍ର ମଧ୍ୟ ରହିଛି । ସ୍ୱରୋଜଗାର ପାଇଁ ହିତାଧିକାରୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହଜ ଋଣ ଦେବାର ବ୍ୟବସ୍ଥା ରହିଛି । ସାଧାରଣ ବର୍ଗର ପୁରୁଷଙ୍କ ପାଇଁ ପ୍ରକଳ୍ପ ଖର୍ଚ୍ଚର ୧୦ ପ୍ରତିଶତ ଏବଂ ମହିଳା, ଓବିସି, ଏସ୍‌ସି, ଏସ୍‌ଟି, ଦିବ୍ୟାଙ୍ଗ ଓ ପୂର୍ବତନ ସୈନିକଙ୍କ ପାଇଁ ୫ ପ୍ରତିଶତ ମାର୍ଜିନ ମନି ରଖାଯାଇଛି ।




# କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122


# ଅନୁମତି ଉଲ୍ଲଂଘନ କରି ଉଚ୍ଚ ଶବ୍ଦରେ ଡିଜେ ବଜାଇବା ଅଭିଯୋଗ

## ଡିଜେ ସାଉଣ୍ଡ ସିଷ୍ଟମ ସହ ଗାଡ଼ି ଜବତ



ଆନନ୍ଦପୁର,୬/୧୦(ନି/ପ୍ର): ଗଣେଶ ପୂଜା ଭସାଣି ଶୋଭାଯାତ୍ରା ସମୟରେ ଅନୁମତିର ସର୍ତ୍ତ ଉଲ୍ଲଂଘନ କରି ଅତ୍ୟଧିକ ଶବ୍ଦରେ ଡିଜେ ବଜାଇବା ଅଭିଯୋଗରେ ଘସିପୁରା ପୁଲିସ ଏକ ମାମଲା ରୁଜୁ କରିଛି । ଏଥିସହ ଡିଜେ ସାଉଣ୍ଡ ସିଷ୍ଟମ ସହ ଏକ ଗାଡ଼ିକୁ ଜବତ କରାଯାଇଛି । ସୂଚନା ଅନୁଯାୟୀ, ଗତ ୪ ତାରିଖ ସନ୍ଧ୍ୟାରେ ଆନନ୍ଦପୁର ପୌରାଂଚଳ ୧୫ନମ୍ବର ୱାର୍ଡ ପୋଡ଼ାଖମଣରେ ଗଣେଶ ମୂର୍ତି ଭସାଣି ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଶୋଭାଯାତ୍ରା ପାଇଁ ଆନନ୍ଦପୁର ଉପଜିଲ୍ଲାପାଳଙ୍କଠାରୁ ଅନୁମତି ନିଆଯାଇଥିଲେ ମଧ୍ୟ ଡିଜେରେ ଅତ୍ୟଧିକ ଶବ୍ଦ କରାଯାଉଥିବା ପୁଲିସ ଜାଣିବାକୁ ପାଇଥିଲା । ଏପରିକି ଅତ୍ୟଧିକ ଶବ୍ଦ ଯୋଗୁଁ ସେଠାକାର ହୃଦରୋଗୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ନେଇ ଅଭିଯୋଗ ମଧ୍ୟ ହୋଇଥିଲା । ଅନୁମତିପତ୍ରରେ ଥିବା ସର୍ତ୍ତ ଉଲ୍ଲଂଘନ କରାଯାଇଥିବାରୁ ଘସିପୁରା ଥାନା ପୁଲିସ ଡିଜେ ସାଉଣ୍ଡ ସିଷ୍ଟମ ସହ ଗାଡ଼ିକୁ ଜବତ କରିବା ସହ ଥାନା କେସ ନଂ-୪୧୮, ତା. ୪.୧୦.୨୦୨୬, ଧାରା ୨୨୩(ଏ)(ବି)/୨୯୨ ବିଏନ୍ଏସ୍ ସହ ଓଡ଼ିଶା ଫାୟାରୱାର୍କ୍ସ ଆଣ୍ଡ ଲାଉଡସ୍ପିକର (ରେଗୁଲେସନ) ଆକ୍ଟ, ୧୯୫୮ର ଧାରା ୫ ଅନୁଯାୟୀ ମାମଲା ରୁଜୁ କରିଛି । ଘଟଣାର ତଦନ୍ତ ଜାରି ରହିଛି ।

# ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ମିଠା ଓ ପାଉଁରୁଟି ଫାକ୍ଟ୍ରି

ଘଟଗାଁ,୬/୧୦(ନି/ପ୍ର):କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବରଗୋଡା ଗାଁରେ ପାଉଁରୁଟି ଫାକ୍ଟ୍ରି ଖାଦ୍ୟ ସୁରକ୍ଷା ବିଭାଗର ବିନା ଅନୁମତିରେ ଚାଲୁଥିବା ଅଭିଯୋଗ ହୋଇଛି । ଦୀର୍ଘ ଦିନ ହେବ ଅସ୍ୱାସ୍ଥ୍ୟକର ପରିବେଶରେ ପାଉଁରୁଟ ଓ ମିଠା ଫେକ୍ଟ୍ରି ଚାଲିଥିଲେ ହେଁ ଖାଦ୍ୟ ସୁରକ୍ଷା ବିଭାଗ ନିକଟରେ ଏହାର ସୂଚନା ନାହିଁ । ବରଗୁଡା ଗ୍ରାମରେ ଦୁଇଟି ପାଉଁରୁଟି ଫାକ୍ଟ୍ରି ଚାଲିଛି । ଯେଉଁ ସ୍ଥାନରେ ଲୋକଙ୍କ ଖାଇବା ପାଇଁ ପାଉଁରୁଟି ପ୍ରସୁତ ହେଉଛି ସେଠାରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦିଆଯାଉନାହିଁ । ଏହି ସ୍ଥାନରୁ ପାଉଁରୁଟି ଏବଂ ମିଠା ପ୍ରସ୍ତୁତ ହୋଇ ହରିଚନ୍ଦନପୁର ଏବଂ ଘଟଗାଁ ବ୍ଲକର ବିଭିନ୍ନ ଦୋକାନ କୁ ବିକ୍ରୀ କରାଯାଉଛି । ଯେଉଁ ସ୍ଥାନରେ ଏହା ପ୍ରସ୍ତୁତ ହେଉଛି ସେଠାରେ ସ୍ୱଚ୍ଛତା ପ୍ରତି ଆଦୌ ଦୃଷ୍ଟି ଦିଆଯାଉନାହିଁ । ପାଉଁରୁଟି ଓ ମିଠା ଆଦି ପ୍ରସୁତ କରାଯିବା ପରେ ତାକୁ ଅସ୍ୱାସ୍ଥ୍ୟକର ପରିବେଶରେ ଘର ଚଟାଣରେ ପଲିଥିନ ଉପରେ ରଖାଯାଉଛି ।ପ୍ରସ୍ତୁତ ପରେ ମାଛି ବସୁଥିବା ମଧ୍ୟ ଖବର ମିଳୁଛି । ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଜିତେନ୍ଦ୍ର କୁମାର ମହାନ୍ତ ଙ୍କୁ ଏ ନେଇ ପଚାରିବାରୁ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ଶିଳାନ୍ୟାସରେ ଅଟକି ଗଲା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ଘଟଗାଁ, ୬/୧୦(ନି/ପ୍ର): ଶିଳାନ୍ୟାସରେ ଅଟକି ଗଲା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ । ଚାରି ମାସରୁ ଉର୍ଦ୍ଧ ସମୟ ବିତି ଯାଇଥିଲେ ସୁଧା ଆଗକୁ ଆଗେଇ ପାରୁ ନାହିଁ କାର୍ଯ୍ୟ । କେବଳ ଭିତି ପ୍ରସ୍ତର ସ୍ଥାପନରେ ଅଟକି ରହିଛି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ।ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷାର ମୂଳଦୁଆ ସୁଦୃଢ ଏବଂ ଉନ୍ନତ ମାନର ଜ୍ଞାନ କୌଶଳ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ପ୍ରଦାନ ଲାଗି ବିଭିନ୍ନ ପଂଚାୟତ ଗୁଡିକରେ ପାଂଚ ଏକର ଜାଗାରେ ଖେଳ ପଡିଆ, ଫୁଲ ବଗିଚା ପାର୍କ ସାଙ୍ଗକୁ ଅତ୍ୟାଧୁନିକ ଶ୍ରେଣୀ ଲାଗି ପଂଚାୟତ ଗୁଡିକରେ ସ୍ଥାନ ନିରୂପଣ ପରେ ଅର୍ଥ ମଞ୍ଜୁର କରିଥିଲେ । ଦୁଃଖର ବିଷୟ ଦ୍ୱିତୀୟ ପର୍ଯ୍ୟାୟରେ ଘସିପୁରା ନିର୍ବାଚନ ମଣ୍ଡଳୀ ଘଟଗାଁ ବ୍ଲକ ବିନିଦା ପଂଚାୟତ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିନିଦା ଠାରେ ସ୍ଥାନ ନିରୂପଣ କରାଯାଇ ଗତ ଜୁନ ମାସ ୭ ତାରିଖ ଭିତି ପ୍ରସ୍ତର ସ୍ଥାପନା କରାଯାଇଥିଲେ ସୁଧା ଦୀର୍ଘ ଚାରି ମାସ ପରେ ସୁଧା ଶିଳା ନିଶ୍ୟା କାର୍ଯ୍ୟରୁ ଆଗକୁ ଆଗେଇ ପାରୁ ନାହିଁ ।ଉକ୍ତ ସମସ୍ୟା କୁ ନେଇ ଘଟଗାଁ ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀଙ୍କୁ ପଚାରି ବୁଝିବା ପରେ ମଣ୍ଡଳ ଅଧିକାରୀ କହିଛନ୍ତି ଉକ୍ତ ବିଦ୍ୟାଳୟରେ ଆବଶ୍ୟକ ଜାଗା ଅଭାବ କାରଣରୁ ପ୍ରକଳ୍ପ କାର୍ଯ୍ୟ ଆଗକୁ ଆଗେଇ ପାରୁ ନାହିଁ । ତେବେ ସମସ୍ୟାକୁ ନେଇ ସାଧାରଣରେ ଆଲୋଚନା ପୂର୍ବରୁ କଣ ମାପଚୁପ ହେଇ ନଥିଲାକି ଯଦିଓ ହୋଇଥିଲା କେମିତି ଜାଣି ପାରିଲେ ନାହିଁ ।

# ଜୟପୁରରେ ବଡ଼ ଧରଣର ବ୍ରାଉନସୁଗାର କାରବାର ସମୟରେ ଚଢ଼ାଉ:

## ୬ ଗିରଫ, ଗାଡ଼ି ସହ ମାରଣାସ୍ତ୍ର ଜବତ

ଜୟପୁର,୬/୧୦(ନି/ପ୍ର):ରାଜ୍ୟରେ ନିଶା କାରବାର ବିରୋଧରେ ପୋଲିସ ମହାନିର୍ଦ୍ଦେଶକଙ୍କ କଡ଼ା ନିର୍ଦ୍ଦେଶ ଓ 'ନିଶାମୁକ୍ତ ଓଡ଼ିଶା' ଅଭିଯାନ କ୍ରମରେ ଜୟପୁର ପୋଲିସ କୁ ଏକ ବଡ଼ ସଫଳତା ମିଳିଛି । ଏନେଇ ଆଜି ଜୟପୁର ଟାଉନ ଥାନା ରେ ଏସଡିପିଓ ଅର୍ଚିତା ମିତଲ ସୂଚନା ଦେଇଛନ୍ତି । ବ୍ରାଉନ କାରବାର ଚାଲୁଥିବା ବେଳେ ଜୟପୁର ଟାଉନ ପୋଲିସ ଚଢାଉ କରିଛି । ଏନେଇ ଆଜି ଜୟପୁର ଟାଉନ ଥାନା ରେ ଏସଡିପିଓ ଅର୍ଚିତା ମିତଲ ଗଣ ମାଧ୍ୟମକୁ ସୁଚନା ଦେଇଛନ୍ତି । ଚଢାଉ କରି ଜଣେ ମହିଳା ଙ୍କ ସହ ୬ ଅଭିଯୁକ୍ତ କୁ ଗିରଫ କରି ବ୍ରାଉନ ସୁଗର, କାର, ମାରଣାସ୍ତ୍ର ଓ ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରେ କୋରାପୁଟର ୨ ଜଣ ଖୋର୍ଦ୍ଧାର ୩ ଜଣ ନୟାଗଡର ଜଣେ । ଗିରଫ ଅଭିଯୁକ୍ତ ମାନେ ହେଲ ଜୟପୁର ଗୋପବନ୍ଧୁ ନଗର ରାମ ଛତ୍ରିଆ (୩୫), ଖୋର୍ଦ୍ଧାର ପ୍ରକାଶ କୁମାର ଛୁଆଳ ସିଂ (୫୨), ଶେଖ ଆଲ୍ଲି (୨୬), ଓ ସତ୍ୟ ପ୍ରିୟ ପଟ୍ଟନାୟକ (୪୯), କୋରାପୁଟର ଆଲୋକ ଚେଟ୍ଟି (୨୯) ନୟାଗଡର ସରୋଜିନି ବରଡା (୩୬) । ପୋଲିସ ସୂଚନା ଅନୁଯାଇ କେନାଲ ରୋଡ୍ ନିକଟରେ ଚାଲିଥିବା ଏକ ବଡ଼ ଧରଣର ବ୍ରାଉନସୁଗାର କାରବାର ଉପରେ ଚଢ଼ଉ କରି ପୁଲିସ ୪୦୩.୧ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି । ଜବତ ନିଶାଦ୍ରବ୍ୟର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୪୦ ରୁ ୪୫ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ପୁଲିସ ସୂଚନା ଅନୁଯାୟୀ, ଗତ ୩ ତାରିଖ ରାତିରେ ପାଟ୍ରୋଲିଂ ଚାଲିଥିବା ସମୟରେ କେନାଲ ରୋଡ୍ ନିକଟରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଗୁଇନ୍ଦା ସୂଚନା ମିଳିଥିଲା । ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ବେଳେ ପ୍ରଥମେ ଦୁଇ ଜଣ ନିଶା ଗ୍ରହଣକାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । କିଛି ସମୟ ପରେ ସେଠାରେ ଏକ ଧଳା ରଙ୍ଗର ମାରୁତି ସୁଜୁକି ଡିଜାୟାର୍ କାର୍ ଆସି ପହଂଚିଥିଲା । ସେଠାରେ ଉପସ୍ଥିତ ମୋଟ ୭ ଜଣଙ୍କ ମଧ୍ୟରୁ ପୁଲିସ ୬ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିବା ବେଳେ ଜଣେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା । ଏନଡିପିଏସ ନିୟମ ଅନୁସାରେ ଅଭିଯୁକ୍ତ ଓ ଗାଡ଼ିର ତଲାସି କରାଯିବା ପରେ କାର୍ରୁ ୩୭୦୦ଟି ବ୍ରାଉନସୁଗାର ପୁଡ଼ିଆ ଏବଂ ପ୍ରତ୍ୟେକଟି ୧୦ ଗ୍ରାମ ଲେଖାଏଁ ଥିବା ୧୧ଟି ପ୍ୟାକେଟ୍ ମିଳିଥିଲା । ସମୁଦାୟ ୪୦୩.୧ ଗ୍ରାମ ଓଜନର ବ୍ରାଉନସୁଗାର ଜବତ ହୋଇଛି । ଜୟପୁରର ରିସିଭର ରାମୁ ନିକଟରୁ ୧୦୦ଟି ପୁଡ଼ିଆ ମିଳିଥିବା ବେଳେ କାରରେ ଆସିଥିବା ଖୋର୍ଦ୍ଧାର ଅଲ୍ଲୀ ନାମକ ଜଣେ ଯୁବକଙ୍କ ନିକଟରୁ ପ୍ରାୟ ୧୧୦ ଗ୍ରାମ ବ୍ରାଉନସୁଗାର ଉଦ୍ଧାର କରାଯାଇଛି । ଏହା ବ୍ୟତୀତ ଘଟଣାସ୍ଥଳରୁ ଗୋଟିଏ କାର, ନଗଦ ୨୦ ହଜାର ଟଙ୍କା, ୮ଟି ମୋବାଇଲ୍ ଫୋନ୍ ଏବଂ ଗାଡ଼ି ଡିକିରୁ ୨ଟି ମାରଣାସ୍ତ୍ର ମଧ୍ୟ ଜବତ କରାଯାଇଛି । ଗିରଫ ହୋଇଥିବା ୬ ଜଣଙ୍କ ମଧ୍ୟରେ କୋରାପୁଟର ୨ ଜଣ, ନୟାଗଡ଼ର ୩ ଜଣ ଏବଂ ଖୋର୍ଦ୍ଧାର ଜଣେ ବ୍ୟକ୍ତି ସାମିଲ ଅଛନ୍ତି । ସେମାନଙ୍କ ନାମରେ ପୂର୍ବରୁ ମଧ୍ୟ ଏନଡିପିଏସ ଆଇନ ଅନୁଯାୟୀ ବିଭିନ୍ନ ଅପରାଧିକ ମାମଲା ରହିଛି । ନିଶା କାରବାର ବିରୋଧରେ ପୁଲିସ 'ଜିରୋ ଟଲରାନ୍ସ' ନୀତି ଆପଣାଇ ଆଗକୁ ମଧ୍ୟ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖିବ ବୋଲି ପ୍ରେସମିଟ୍ରେ ସ୍ପଷ୍ଟ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ ।

# ଅଜଣା ମୋଟର ସାଇକଲ ଧକ୍କାରେ ୪ ବର୍ଷର ଶିଶୁକନ୍ୟା ମୃତ

ଚମ୍ପୁଆ,୬/୧୦(ନି/ପ୍ର): ମୋଟର ସାଇକଲ ଧକ୍କାରେ ଜଣେ ୪ ବର୍ଷର ଶିଶୁକନ୍ୟାର ମୃତ୍ୟୁକୁ ନେଇ ଚମ୍ପୁଆ ଅଂଚଳରେ ଉତେଜନା ପ୍ରକାଶ ପାଇଛି ।ମୃତ ଶିଶୁକନ୍ୟା ଜଣକ ଚମ୍ପୁଆ ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପୁର ନୂଆଗାଁ ଅଂଚଳର ହରିଶ ପୂର୍ତିଙ୍କ ଝିଅ ଲିସା ପୂର୍ତି ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ତୁରୁମୁଙ୍ଗା ପଟୁ ଏକ ଦ୍ରୁତଗାମୀ ମୋଟର ସାଇକଲ ଆସି ଲିସାଙ୍କୁ ଜୋରଦାର ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ବାଇକ୍ ଚାଳକ ରଜିଆ-ରିମୁଳି ରାସ୍ତା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ଶିଶୁଟିର ମୃତ୍ୟୁ ଘଟିଥିଲା । ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ଦୁର୍ଘଟଣା ଘଟାଇଥିବା ମୋଟର ସାଇକଲଙ୍କୁ ଗିରଫ ଦାବି କରିଥିଲେ । ଏନେଇ ଚମ୍ପୁଆ-ତୁରୁମୁଙ୍ଗା ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ଚମ୍ପୁଆ ଏସଡିପିଓ ରଶ୍ମି ରଞ୍ଜନ ସାହୁ, ଥାନା ଆଇ.ଆଇ.ସି ସ୍ୱରୂପ ରଞ୍ଜନ ନାୟକ ଓ ସ୍ଥାନୀୟ ତହସିଲଦାର ସତ୍ୟବ୍ରତ ସାହୁ ଘଟଣାସ୍ଥଳରେ ପହଂଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । ତୁରନ୍ତ ସହାୟତା ସ୍ୱରୂପ ରେଡକ୍ରସ୍ ପାଣ୍ଠିରୁ ମୃତ ଶିଶୁର ପରିବାରକୁ ୩୦ ହଜାର ଟଙ୍କା ପ୍ରଦାନ କରାଯିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା । ଅନ୍ୟପକ୍ଷରେ, ଘଟଣା ପରେ ଫେରାର ହୋଇଯାଇଥିବା ମୋଟର ସାଇକଲ ଚାଳକଙ୍କୁ ଚିହ୍ନଟ କରି ଧରିବା ପାଇଁ ଚମ୍ପୁଆ ପୋଲିସ ତଦନ୍ତ ଜାରି ରଖିଛି । ଶବ ବ୍ୟବଚ୍ଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି ।

# ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୁବ ଭୋଟରଙ୍କୁ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ

ଖୋର୍ଦ୍ଧା,୬/୧୦(ନି/ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଯେଉଁ ଉଁ ସବୁ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକରେ ସମାପ୍ତ ହୋଇଛି, ସେଠାରେ ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟର ଏବଂ ପ୍ରଥମ ଥର ପାଇଁ ଭୋଟର ତାଲିକାରେ ସାମିଲ ହେଉଥିବା ଯୁବ ଭୋଟରଙ୍କୁ ପଞ୍ଜୀକରଣ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଛି । ଏହି କ୍ରମେ ଓଡ଼ିଶାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଯାନ ଆରମ୍ଭ ହୋଇଛି । ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ । ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ । ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ । ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି ।

# ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ: ୪ ବଖରା ଘର ଜଳିଗଲା

## ଲକ୍ଷାଧିକ ଟଙ୍କାର ସଂପତି ନଷ୍ଟ



ମହାକାଳପଡ଼ା,୬/୧୦(ନି.ପ୍ର): ମହାକାଳପଡ଼ା ବ୍ଲକ ଲାଞ୍ଜୁଡା ପଚାଂୟତର ଶାସନ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ଜନୈକ ବ୍ୟକ୍ତିଙ୍କ ୪ ବଖରା ନଡା ଛପର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି । ସୂଚନା ଅନୁଯାୟୀ, ଶାସନ ଗ୍ରାମର ବାବୁଲାଲ କରଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗି ଯାଇଥିଲା । ଦେଖୁ ଦେଖୁ ନିଆଁ ଚାରି ବଖରା ଘରକୁ ବ୍ୟାପି ଯାଇଥିଲା । ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସବୁ ଜଳି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ, ଆସବାପତ୍ର, ଲୁଗାପଟା ସହିତ ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ପରିବାର ପକ୍ଷରୁ ପ୍ରକାଶ । ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ କାହାରି କୌଣସି କ୍ଷତି ହୋଇ ନଥିବା ଜଣାପଡିଛି । ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଚିଁ ନିଆଁକୁ ଆୟତ କରିଥିଲା ।



କେନ୍ଦୁଝର ଜିଲ୍ଲା ପାଟଣାବ୍ଲକ ମୁଷାଖୋରୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ସରାସକେଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ

# କୁଳଡିହା ଅଭୟାରଣ୍ୟରେ ବନ ବିଭାଗର ଚଢ଼ାଉ:

## ୫ଟି ଦେଶୀ ବନ୍ଧୁକ ସହ ବାରୁଦ, ଲୁହା ବଲ୍ ଓ ଫାଶ ଜବତ; ୬ ଶିକାରୀ ଗିରଫ



ସୋର,୬/୧୦(ନି/ପ୍ର):କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ବନ୍ୟଜନ୍ତୁ ଶିକାର ଉଦ୍ୟମ ଅଭିଯୋଗରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବନ୍ଧୁକ, ବାରୁଦ, ଲୁହା ବଲ୍ ଓ ଫାଶ ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇ ଏଥିରେ ସମ୍ପୃକ୍ତି ଥିବା ୬ ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ଅନୁଯାୟୀ, ଗତକାଲି ସୋର ବନ୍ୟପ୍ରାଣୀ ରେଞ୍ଜ ଅଧୀନ ଔପଦା ୱାଇଲ୍ଡଲାଇଫ୍ ସେକ୍ସନର ବେଡେଇ ୱାଇଲ୍ଡଲାଇଫ୍ ବିଟ୍ର କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ କବାଟଘାଇ ଗାଁ ନିକଟରେ ଭୂୟାଁ ସିଂହ (୩୦) ଜଙ୍ଗଲ ମଧ୍ୟକୁ ପ୍ରବେଶ କରୁଥିବା ବେଳେ ତାଙ୍କୁ କାବୁ କରିଥିଲେ । ପରେ ତାଙ୍କ ନିକଟରୁ ୧୦୦ ଗ୍ରାମ କଳା ବାରୁଦ ଓ ୩୦ଟି ଛୋଟ ଲୁହା ବଲ୍ ଜବତ କରାଯାଇଥିଲା । ପଚରାଉଚରା ସମୟରେ ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ଥିବା ବନବିଭାଗର ଅଧିକାରୀ ମାନେ ଜାଣିବାକୁ ପାଇଥିଲେ । ପରେ ଡିଏଫ୍ଓଙ୍କ ନିର୍ଦ୍ଦେଶରେ ସୋର ଓ କୁଳଡିହା ରେଞ୍ଜର ବନ କର୍ମଚାରୀଙ୍କୁ ନେଇ ଗଠିତ ମିଳିତ ଟିମ୍ ରାତି ପ୍ରାୟ ୧୧ଟା ୩୦ରେ ଚଢ଼ାଉ କରିଥିଲେ । ଏହି ସମୟରେ ଲକ୍ଷ୍ମଣ ସିଂହ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୨୩୦ ଗ୍ରାମ କଳା ବାରୁଦ, ୭୦ ଗ୍ରାମ ଧଳା ବାରୁଦ ଓ ୫୦ଟି ଲୁହା ବଲ୍ ଜବତ ହୋଇଥିଲା । ସେହିପରି ଜାଟିଆ ସିଂହଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଏବଂ ସନା ଜାଙ୍ଗରାଇ ସିଂହଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଧନୁ ଓ ୩ଟି ତୀର ଜବତ କରାଯାଇଥିଲା । ଗୋପାଳ ସିଂହଙ୍କ ନିକଟରୁ ୧୩ ସେଟ୍ ଫାଶ ଜବତ କରି ସମସ୍ତଙ୍କୁ ଗିରଫ କରିଥିଲେ । ଏହି ଚଢ଼ାଉରେ ସୋର ୱାଇଲ୍ଡଲାଇଫ୍ ରେଞ୍ଜର ରେଞ୍ଜ ଅଫିସର ଭାଗ୍ୟଶ୍ରୀ ଦାସ, କୁଳଡିହା ରେଞ୍ଜର ଇନ୍‌ଚାର୍ଜ ସୌମ୍ୟରଞ୍ଜନ ମାଝୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ ।

# ମେଧାବୀ ଛାତ୍ରୀଙ୍କୁ ଧର୍ମଶାଳା ବିଧାୟକଙ୍କ ପକ୍ଷରୁ ଲ୍ୟାପଟପ୍ ପ୍ରଦାନ

ଧର୍ମଶାଳା,୬/୧୦(ନି/ପ୍ର): ଶିକ୍ଷା କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ସହଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଯାଜପୁର ଜିଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପକ୍ଷରୁ ଜଣେ ମେଧାବୀ ଛାତ୍ରୀଙ୍କୁ ଲ୍ୟାପଟପ୍ ପ୍ରଦାନ କରାଯାଇଛି । ରସୁଲପୁର ବ୍ଲକ ଅନ୍ତର୍ଗତ କଳଣ ପଂଚାୟତସ୍ଥ ନୂଆହାଟ ଗ୍ରାମର ମେଧାବୀ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟିଙ୍କୁ ବିଧାୟକ ଶ୍ରୀ ସାହୁ ଏହି ଲ୍ୟାପଟପ୍ ପ୍ରଦାନ କରିଛନ୍ତି । ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବା ସହ ଡିଜିଟାଲ୍ ଶିକ୍ଷା ଓ ଉଚ୍ଚଶିକ୍ଷା ପାଇଁ ଲ୍ୟାପଟପ୍ ଟି ପ୍ରିୟଙ୍କାଙ୍କୁ ଅଧିକ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି । ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେଇ ସେମାନଙ୍କ ଶିକ୍ଷା ଯାତ୍ରାରେ ସହଯୋଗ କରିବାର ଏଭଳି ପଦକ୍ଷେପକୁ ଅଂଚଳବାସୀ ସ୍ୱାଗତ କରିଛନ୍ତି ।

# ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ

## ସରକାରଙ୍କ ଆଦିବାସୀ ଦମନ ନୀତି ପ୍ରତିବାଦରେ ଆନ୍ଦୋଳନ ଚେତାବନୀ

ବଲାଙ୍ଗିର,୬/୧୦(ନି/ପ୍ର): ସାମ୍ବାଦିକ ଭବନଠାରେ ଜ଼ିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସଂଘର ଜିଲ୍ଲା ସଭାପତି ଶ୍ୟାମ ସୁନ୍ଦର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଆଦିବାସୀ ମାରଣ ନୀତି ବିରୋଧରେ ବ୍ୟାପକ ସଶସ୍ତ୍ର ଆନ୍ଦୋଳନ କରିବାକୁ ଧାର୍ଯ୍ୟ କରାଯାଇଥିଲା ।ଅନ୍ୱେଷା ଯୋଜନା ବନ୍ଦ କରିଛି ଓଡିଶା ସରକାର । ପ୍ରାଇଭେଟ ଇଂଲିଶ ମିଡ଼ିଅମ ସ୍କୁଲରେ ମାଗଣାରେ ଆଦିବାସୀ ଛାତ୍ରଛାତ୍ରୀ ପଢ଼ିବା ପାଇଁ ପୂର୍ବପରି ଅନ୍ୱେଷା ଯୋଜନା ଲାଗୁ କରିବା । ସେହିପରି ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ଆର୍ଥିକ ସହାୟତା ବନ୍ଦ କରିଛି କେନ୍ଦ୍ର ସରକାର । ଆଦିବାସୀ ଛାତ୍ରଛାତ୍ରୀ ବିଏସସି ନର୍ସିଙ୍ଗ ଓ ଜିଏନଏମ ପଢ଼ିବା ପାଇଁ ୫୦ ହଜାର ଆର୍ଥିକ ସହାୟତା ପୁନଃ ପ୍ରଦାନ, ଆଦିବାସୀ ହିତାଧିକାରୀ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ବନ୍ଦ କରିଛି ରାଜ୍ୟ ସରକାର । ଆଦିବାସୀ ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଜମି ଅଧିକାର ସତ୍ୱେ ଆଇନକୁ ଉଲ୍ଲଂଘନ କରି ପଟ୍ଟା ଦେବା ବନ୍ଦ କରିଛି ସରକାର । ଆଦିବାସୀ ନିର୍ଯ୍ୟାତନା ନିବାରଣ ଆଇନରେ ବର୍ତ୍ତମାନ ସରକାର ଅପରାଧୀ ମାନଙ୍କୁ ଗିରଫ କରୁନାହିଁ କିମ୍ବା ପୀଡ଼ିତ ଆଦିବାସୀ ପରିବାରକୁ ଆର୍ଥିକ ସାହାଯ୍ୟ ଦିଆଯାଉନାହିଁ ବୋଲି ଆଦିବାସୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ସେହିପରି ଖଣି ଖଣିଜ ସମ୍ପଦ ନିୟନ୍ତ୍ରଣ ଆଇନରେ ଆଦିବାସୀ ବହୁଳ ଓଡିଶା ରାଜ୍ୟର ଜମି ଜଙ୍ଗଲ, ପାହାଡ଼ ପର୍ବତ ଡ଼ଙ୍ଗର, ନଦୀ ନାଳ ଝରଣା, ପ୍ରକୃତି ପରିବେଶ ଧ୍ୱଂସ ହେବ । ଆଦିବାସୀ ଜୀବନ ଜୀବିକା ହରାଇବା ସହ ଆଦିବାସୀ ଅସ୍ମିତା ବିଲୋପ ହେବ । ଜମି ଜଙ୍ଗଲ ଖଣିଜ ସମ୍ପଦ ଅଧିକାରରୁ ଆଦିବାସୀ ସର୍ବହରା ହୋଇଯିବେ ବୋଲି ଆଦିବାସୀ କ୍ଷୋଭ ପ୍ରକାଶ କରିଥିଲେ । ସମାନ ନାଗରିକ ସଂହିତା ଦ୍ୱାରା ଆଦିବାସୀଙ୍କ ସ୍ୱତନ୍ତ୍ର ସଂସ୍କୃତି, ପ୍ରଥା ପରମ୍ପରା, ରୀତିନୀତି, ଦେବାଦେବୀ ପୂଜା ପଦ୍ଧତି, ଭାଷା ବୋଲି ଧର୍ମ ବିଲୁପ୍ତ ହେବ, ଆଦିବାସୀ ଅସ୍ମିତା ନିର୍ଶ୍ଚିହ୍ନ ହେବ ତେଣୁ ୟୁ ସି ସି କୁ କଡ଼ା ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ଆଦିବାସୀ ଜମି ବିକ୍ରି ବନ୍ଧକି ମାଧ୍ୟମରେ ଅଣ ଆଦିବାସୀଙ୍କୁ ହସ୍ତାନ୍ତର ପାଇଁ ଉପ ଜ଼ିଲ୍ଲାପାଳ ଅନୁମତିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବୀ କରାଯାଇଥିଲା । ନକଲି ଆଦିବାସୀମାନଙ୍କ ଜାଲଜାତି ପ୍ରମାଣପତ୍ର ରଦ୍ଦ କରିବା ସହିତ ଚଂଚକତା ପୂର୍ବକ ଅନ୍ୟ ପଛୁଆ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ତେଲେଙ୍ଗା ଜାତିର ଲୋକ କୋଣ୍ଡାଦୋରକ୍ଷ ଆଦିବାସୀ ପ୍ରମାଣ ପତ୍ର ଦ୍ୱାରା ଚାକିରୀ କରୁଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବୀ କରାଯାଇଥିଲା । ସଭାରେ ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ବନଲତା ମାଝି, ଟିଟିଲାଗଡ଼ ବ୍ଲକ ସଭାପତି ପଦ୍ମନ ପ୍ରଧାନୀ, ବଲାଙ୍ଗିର ବ୍ଲକ ସଭାପତି ପାଲେଶ୍ୱର ଭୋଇ, ଲୋଇସିଂହା ବ୍ଲକ ସଭାପତି ଦଶରଥ ଛତ୍ରିଆ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ମନରଞ୍ଜନ ଭୋଇ, ପାଟଣାଗଡ ବ୍ଲକ ସଭାପତି ଭୁବନେଶ୍ୱର କୁଅଁର, ବେଲପଡା ବ୍ଲକ ସଭାପତି ରସିକ ଧରୁଆ, ମୁରିବାହାଲ ସଭାପତି ରାଜୀବ କୁଅଁର, ତୁରେକେଲା ବ୍ଲକ ସଭାପତି ଚୌବନ କିଶୋର ମାଝି, ସଇଁତଲା ବ୍ଲକ ସଭାପତି ସନ୍ତୋଷ ପୁଟା, ଦେଓଗାଁ ବ୍ଲକ ସଭାପତି ସୁରଥ ଧରୁଆ, ଗୁଡ଼ଭେଲା ବ୍ଲକ ସମ୍ପାଦକ ବିକ୍ରମ ଭୋଇ, ସଂଗଠନ ସମ୍ପାଦକ ଥବିର ପୁଝାରୀ, ନଗର ସଭାପତି ନିତ୍ୟାନନ୍ଦ ମାଝି, ସହ ସମ୍ପାଦକ ଗିରିଧାରୀ ଭୋଇ, ମଧୁ ବିଶ୍ୱାଳ, ଧନିରାମ ଭୋଇ, ନାରୀନେତ୍ରୀ ଶ୍ରୀମତୀ ପତ୍ରଙ୍ଗି ମାଝି, ମାହେଶ୍ୱରୀ ମାଝି, ଶ୍ରୀମତୀ ଲକ୍ଷ୍ମୀ ଭୋଇ, ଶ୍ରୀମତୀ ସରସ୍ୱତୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ସାଧାରଣ ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା ସଭା ପରିଚାଳନା କରିଥିଲେ ।

# ବିବିଧା

## ଆଜିର ରାଶିଫଳ

ମେଷ: ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ନିଜ ଲୋକ ଶତ୍ରୁ ସାଜିବେ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ। ପରିବାର ଲୋକଙ୍କ ସହିତ ସମୟ ବିତାଇବେ। ଚାକିରିରେ ପଦୋନ୍ନତି ହେବ।

ବୃଷ: ବ୍ୟସ୍ତତା ଭିତରେ ଦିନଟି କଟିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ। ଚକ୍ଷୁଜନିତ ସମସ୍ୟା ଭୋଗିପାରନ୍ତି। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ।

ମିଥୁନ: ସମ୍ପର୍କୀୟଙ୍କ ସହିତ ଭେଟ ହେବ। ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। କ୍ରୋଧ ନିୟନ୍ତ୍ରଣ ରଖନ୍ତୁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଅଧିକ ପରିଶ୍ରମ କରିବେ।

କର୍କଟ: ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଅଫିସ୍ କର୍ମୀଙ୍କ ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପେଟଜନିତ ସମସ୍ୟା ଦେଖାଦେବ।

ସିଂହ: ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ହସଖୁସିରେ ଦିନ ବିତିବ। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

କନ୍ୟା: ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

ତୁଳା: ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ। ଯେକୌଣସି ପରିସ୍ଥିତିକୁ ମୁକାବିଲା କରନ୍ତୁ। ଧାର କରଜ କରିବାରୁ ଦୂରେଇ ରୁହନ୍ତୁ। ଆଜି ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି।

ବିଛା: ଧନଧାନ ବୃଦ୍ଧି ହେବ। ଭାବପ୍ରବଣ ହୋଇ ଭୁଲ୍ ନିଷ୍ପତ୍ତି ନେଇ ପାରନ୍ତି। ନୂତନ ବ୍ୟବସାୟ ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ଇଚ୍ଛା ପୂରଣ ହେବ।

ଧନୁ: ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

ମକର: ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

କୁମ୍ଭ: ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

ମୀନ: ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୪୯୯- ଫ୍ରାନ୍ସ ସମ୍ରାଟ୍ ଦ୍ୱାଦଶ ଲୁଇ ମିଲାନ ଉପରେ କବ୍ଜା କଲେ।
- ୧୭୬୨- ବ୍ରିଟିଶ୍ ସୈନିକ ଫିଲିପାଇନ୍ସର ମାନିଲାକୁ କବ୍ଜା କଲେ।
- ୧୯୧୨- ଆମେରିକୀୟ ସେନା ନିକାରଗୁଆ ସହର ଲିୟୋନ ଉପରେ କବ୍ଜା କଲା।
- ୧୯୮୩- ପଞ୍ଜାବରେ ରାଷ୍ଟ୍ରପତି ଶାସନ ଲାଗୁ କରାଗଲା।
- ୧୯୮୭- ଫିଜି ଗଣରାଜ୍ୟ ଭାବେ ଘୋଷିତ ହେଲା।

ଉତ୍ତର ତାଞ୍ଜାନିଆର ଗ୍ରେଟ୍ ରିଫ୍ଟ ଭ୍ୟାଲିରେ ଅବସ୍ଥିତ ଲେକ୍ ନାଟ୍ରନ୍ ବିଶ୍ୱର ସବୁଠାରୁ ଭୟାନକ ପ୍ରାକୃତିକ ସ୍ଥାନଗୁଡ଼ିକ ମଧ୍ୟରୁ ଅନ୍ୟତମ। ଉପରୁ ଦେଖିଲେ ଏହି ହ୍ରଦଟି ଲାଲ୍ ଏବଂ ଗୋଲାପୀ ରଙ୍ଗର କାର୍ପେଟ୍ ପରି ଦେଖାଯାଉଥିବାବେଳେ ଏହାର ଶାନ୍ତ ଓ ସୁନ୍ଦର ରୂପ ପଛରେ ଲୁଚି ରହିଛି ଏକ ମରଣାନ୍ତକ ରହସ୍ୟ। ଏହାକୁ ଜୀବନ୍ତ ପ୍ରାଣୀଙ୍କୁ ପଥର ବନାଉଥିବା ହ୍ରଦ ବୋଲି କୁହାଯାଏ। ଏହି ହ୍ରଦକୁ ନେଇ ଅନେକ କାହାଣୀ ପ୍ରଚଳିତ ଥିଲେ ମଧ୍ୟ ଏନେଇ ବୈଜ୍ଞାନିକମାନଙ୍କ କହିବା କଥା, ହ୍ରଦର ପାଣିରେ କୌଣସି ଯାଦୁ ନାହିଁ, ବରଂ ଏହାର କେମିକାଲ୍ ହିଁ ଏପରି ଆଶ୍ଚର୍ଯ୍ୟଜନକ ଘଟଣା ଘଟାଇଥାଏ। ଲେକ୍ ନାଟ୍ରନ୍‌ର ପାଣି ଅତ୍ୟଧିକ କ୍ଷାରୀୟ ଓ ଏହାର ପିଏଚ୍ ସ୍ତର ୧୦.୫ ରୁ ୧୨ ପର୍ଯ୍ୟନ୍ତ ହୋଇଥାଏ, ଯାହା ପ୍ରାୟ ବ୍ଲିଚ୍ ବା ଆମୋନିଆ ସହ ସମାନ। ଏହା ଚମଡ଼ାକୁ ପୋଡ଼ି ଦେବାପାଇଁ ଯଥେଷ୍ଟ। ସେହିଭଳି ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ସକ୍ରିୟ ଆଗ୍ନେୟଗିରି 'ଓଲ୍ ଡୋଇନ୍ୟୋ ଲେଙ୍ଗାଇ'ରୁ ବାହାରୁଥିବା ଆଗ୍ନେୟ ପାଉଁଶ ଏବଂ ସୋଡିୟମ୍ କାର୍ବୋନେଟ୍ ଯୁକ୍ତ ଗରମ ଝରଣାର ପାଣି ଏହି ହ୍ରଦରେ ମିଶିଥାଏ। ଅତ୍ୟଧିକ ଗରମ ଯୋଗୁଁ ହ୍ରଦର ପାଣି ବାଷ୍ପୀଭୂତ ହୋଇଯାଏ ଏବଂ କେବଳ ଘନ ଲୁଣ ଓ ମିନେରାଲ୍ସ ପଡ଼ିରହେ। ଯେତେବେଳେ କୌଣସି ପକ୍ଷୀ ବା ବାଦୁଡ଼ି ଭୁଲ୍‌ବଶତଃ ଏହି ହ୍ରଦରେ ପଡ଼ି ମୃତ୍ୟୁବରଣ କରନ୍ତି, ସେମାନଙ୍କ ଶରୀର ପଚିଯାଏ ନାହିଁ। ପାଣିରେ ଥିବା ସୋଡିୟମ୍ କାର୍ବୋନେଟ୍ ଏବଂ ନାଟ୍ରନ୍ ସେହି ମୃତଦେହଗୁଡ଼ିକୁ ସଂରକ୍ଷିତ କରି ରଖେ। ଧୀରେ ଧୀରେ ସେମାନଙ୍କ ଶରୀର ଉପରେ କ୍ୟାଲସିୟମର ଏକ ଧଳା ଆସ୍ତରଣ ଜମିଯାଏ ଏବଂ ସେଗୁଡ଼ିକ ଦେଖିବାକୁ ପଥରର ମୂର୍ତ୍ତି ପରି ଲାଗନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି,



ଯେଉଁ ପାଣି ସାଧାରଣ ଜୀବଙ୍କ ଚମଡ଼ାକୁ ପୋଡ଼ି ପାଉଁଶ କରିଦେଇପାରେ, ସେହି ପାଣିରେ ହିଁ ଲାଲ୍ ରଙ୍ଗର ଏକ ପ୍ରକାର ଜୀବାଣୁ ଥାନ୍ତି। ଏଥିଯୋଗୁଁ ହ୍ରଦଟି ଲାଲ୍ ରଙ୍ଗର ଦେଖାଯାଏ। କେବଳ ସେତିକି ନୁହେଁ, ଏହି ବିଷାକ୍ତ ହ୍ରଦ ହେଉଛି ବିଶ୍ୱର 'ଲେସର ଫ୍ଲେମିଙ୍ଗୋ' ପକ୍ଷୀମାନଙ୍କର ସବୁଠାରୁ ବଡ଼ ପ୍ରଜନନ ସ୍ଥଳ। ପୃଥିବୀର ପ୍ରାୟ ୭୫% ଲେସର ଫ୍ଲେମିଙ୍ଗୋ ଏହି ହ୍ରଦ ମଝିରେ ଥିବା ଛୋଟ ଛୋଟ ଦ୍ୱୀପରେ ବସା ବାନ୍ଧନ୍ତି। ସେମାନଙ୍କ ଗୋଡ଼ର ଚମଡ଼ା ଏତେ ଟାଣ ଯେ, ଏହି କ୍ଷାରୀୟ ପାଣି ସେମାନଙ୍କର କିଛି କ୍ଷତି କରିପାରେ ନାହିଁ। ଏହି ବିପଜ୍ଜନକ ପରିବେଶ ସେମାନଙ୍କୁ ହେଟାବାଘ ଓ ଅନ୍ୟ ପଶୁ କବଳରୁ ସୁରକ୍ଷା ଦେଇଥାଏ। ବିଜ୍ଞାନ ଏବଂ ରହସ୍ୟର ଏହି ଅପୂର୍ବ ମିଶ୍ରଣ ଯୋଗୁଁ ଆଜି ବି ଲେକ୍ ନାଟ୍ରନ୍ ସମଗ୍ର ବିଶ୍ୱର ପର୍ଯ୍ୟଟକ ଓ ବୈଜ୍ଞାନିକମାନଙ୍କ ପାଇଁ ଏକ କୌତୂହଳର ବିଷୟ ହୋଇ ରହିଛି।

## ୧୨୬ଟି ଫ୍ଲାଟ୍‌ରେ ଏକା ରହୁଥିବା ମଣିଷ

ଯେତେବେଳେ ଗୋଟିଏ ବଡ଼ ବିଲ୍ଡିଂ ଖାଲି ହୋଇଯାଏ, ସେତେବେଳେ ସେଠାକାର ନିସ୍ତବ୍ଧତା ମଣିଷକୁ ଡରାଇ ଦିଏ। ବ୍ରିଟେନ୍‌ର ଗ୍ରେଟର ମାଞ୍ଚେଷ୍ଟରରେ ଅବସ୍ଥିତ ରୋଚଡେଲ୍‌ର ଏକ ଆବାସିକ ଅଞ୍ଚଳରେ ଏଭଳି ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ବିଶାଳ ଆବାସିକ ପରିସରରେ ମୋଟ ୧୨୬ଟି ଫ୍ଲାଟ୍ ରହିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଆଜି ସେହି ୧୨୬ଟି ଘର ମଧ୍ୟରୁ ୧୨୫ଟି ସମ୍ପୂର୍ଣ୍ଣ ଖାଲି ଏବଂ ସେଠାରେ ମାତ୍ର ଜଣେ ବ୍ୟକ୍ତି ରହୁଛନ୍ତି। ୫୧ ବର୍ଷୀୟ ଏଣ୍ଡି ରୋଶ୍ ଏବେ ତାଙ୍କ ପତ୍ନୀଙ୍କ ସହ ସେଠାରେ ରହୁଛନ୍ତି। ସ୍ଥାନୀୟ ପ୍ରଶାସନ ଓ ହାଉସିଂ ସୋସାଇଟି ଏହି ପୁରୁଣା ବିଲ୍ଡିଂକୁ ଭାଙ୍ଗି ସେଠାରେ ଏକ ନୂତନ ପ୍ରକଳ୍ପ ତିଆରି କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ସେଠାରେ ରହୁଥିବା ସମସ୍ତ ପରିବାରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ସାରିଛି। ହେଲେ ଏଣ୍ଡି ନିଜ ଘର ଛାଡ଼ିବାକୁ ସଫା ସଫା ମନା କରି ଦେଇଛନ୍ତି। ଯେତେବେଳେ ଲୋକେ ତାଙ୍କୁ ପଚାରିଲେ, "ଏହି ଜନଶୂନ୍ୟ ଓ ଭୂତକୋଠି ଭଳି ଅଞ୍ଚଳରେ ଆପଣଙ୍କୁ ଭୟ ଲାଗୁନାହିଁ କି? ଆପଣ ଘର କାହିଁକି ଛାଡୁନାହାନ୍ତି?" ତାଙ୍କର ଉତ୍ତର ସମସ୍ତଙ୍କୁ ଚକିତ କରିଦେଇଥିଲା। ଏନେଇ ଏଣ୍ଡିଙ୍କ କହିବା କଥା, 'ଏହି ଫ୍ଲାଟ୍ ସହିତ ତାଙ୍କର ଦୀର୍ଘ ବର୍ଷର ସ୍ମୃତି ଜଡ଼ିତ। ଏହି ନୀରବତା ତାଙ୍କୁ ଡରାଏ ନାହିଁ, ବରଂ ଏକ ଅଦ୍ଭୁତ ମାନସିକ ଶାନ୍ତି ଦିଏ। ସେ ଏଠାରେ ଯେତିକି ଭଡ଼ା ଦେଇ ରହୁଛନ୍ତି, ଆଜିର ସମୟରେ ବ୍ରିଟେନ୍‌ର ଅନ୍ୟ କୌଣସି ସ୍ଥାନରେ ସେତିକି ଟଙ୍କାରେ ଏତେ ବଡ଼ ଓ ଭଲ ଘର ମିଳିବା ଅସମ୍ଭବ। ସବୁଠାରୁ ବଡ଼ ଟ୍ୱିଷ୍ଟ ହେଉଛି, ସୋସାଇଟି ସମସ୍ତଙ୍କୁ ଘର ଖାଲି କରିବାକୁ ନୋଟିସ୍ ଦେଇଥିଲା ସତ, କିନ୍ତୁ ଆଇନଗତ ଭାବେ ଏଣ୍ଡିଙ୍କ ସହ ହୋଇଥିବା ଚୁକ୍ତିନାମାକୁ ରଦ୍ଦ କରିବାକୁ ଭୁଲିଯାଇଥିଲେ। ଆଇନ ଅନୁଯାୟୀ, ଏଣ୍ଡି ଏବେ ବି ସେହି ଘରର ବୈଧ ଭଡ଼ାଟିଆ, ତେଣୁ ପ୍ରଶାସନ ଚାହିଁଲେ ମଧ୍ୟ ତାଙ୍କୁ ଜବରଦସ୍ତି ବାହାର କରିପାରୁନାହିଁ। ଆଜି ଏଣ୍ଡି ସେହି ବିଶାଳ କୋଠାର ଏକମାତ୍ର ବାସିନ୍ଦା। ସଞ୍ଜ ନଇଁଲେ ଚାରିଆଡ଼େ ଅନ୍ଧାର ଓ ଶୁନ୍‌ଶାନ୍ ହୋଇଯାଏ, କିନ୍ତୁ ଏଣ୍ଡି ନିଜ ଘର ଭିତରେ ବେଶ୍ ଆନନ୍ଦରେ ଥାଆନ୍ତି। ସେ କୁହନ୍ତି,"ଯେପର୍ଯ୍ୟନ୍ତ ପ୍ରଶାସନ ମୋତେ ମୋ ଘର ବଦଳରେ ସେଭଳି ଅନ୍ୟ ଏକ ଉପଯୁକ୍ତ ସ୍ଥାନ ଓ ଆଇନଗତ ସମାଧାନ ନ ଦେଇଛି, ମୁଁ ଏଠାରୁ ଗୋଟିଏ ପାଦ ବି ଘୁଞ୍ଚିବି ନାହିଁ।"

## ଦ୍ୱିତୀୟ ଥର ଘୁଞ୍ଚିଲା 'ଉଡ୍‌ତା ତୀର୍'ର ରିଲିଜ୍



ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ଏବଂ ସାରା ଅଲ୍ଲୀ ଖାନ୍‌ଙ୍କ ଆଗାମୀ ସିନେମା 'ଉଡ୍‌ତା ତୀର୍'କୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ନିକଟରେ ଏହାର ଟ୍ରେଲର୍ ରିଲିଜ୍ ହେବା ପରେ ଫିଲ୍ମଟି ବେଶ୍ ଚର୍ଚ୍ଚାରେ ରହିଛି। ଏବେ ଏହାର ରିଲିଜ୍ ତାରିଖକୁ ପୁଣିଥରେ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହି ଫିଲ୍ମଟି ପ୍ରଥମେ ୧୧ ସେପ୍ଟେମ୍ବର ଏବଂ ପରେ ୯ ଅକ୍ଟୋବରରେ ସିନେମାହଲ୍‌କୁ ଆସିବାର ଥିଲା। ବର୍ତ୍ତମାନ ଫିଲ୍ମ ନିର୍ମାତା ଏହାକୁ ୨୩ ଅକ୍ଟୋବରରେ ରିଲିଜ୍ କରିବା ପାଇଁ ଘୋଷଣା କରିଛନ୍ତି। ବକ୍ସ ଅଫିସ୍‌ରେ ଅଜୟ ଦେବଗନଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ଦୃଶ୍ୟମ୍ ୩' ର ଦମଦାର୍ ଓପନିଂ ଏବଂ ଅନ୍ୟାନ୍ୟ କେତେକ ବଡ଼ ଚଳଚ୍ଚିତ୍ର ସହ ଲଢ଼େଇରୁ ରକ୍ଷା ପାଇବା ପାଇଁ ନିର୍ମାତା ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏଥିରେ ଆୟୁଷ୍ମାନ ଜଣେ ପାକିସ୍ତାନୀ ଗୁପ୍ତଚର ବିଲାଲ ଅହମ୍ମଦ ଭୂମିକାରେ ଅଭିନୟ କରୁଛନ୍ତି। କାହାଣୀରେ ଏକ ବଡ଼ ଟ୍ୱିଷ୍ଟ ଆସେ, ଯେତେବେଳେ ସେ ଭାରତରେ ନିଜର ସ୍ମୃତିଶକ୍ତି ହରାଇ ବସନ୍ତି। ସ୍ମୃତି ଶକ୍ତି ହରାଇବା ପରେ ସେ ନିଜକୁ ଜଣେ ଭାରତୀୟ ସୈନିକ ବୋଲି ଭାବି ଭାରତ ପାଇଁ ଲଢ଼ିବା ଆରମ୍ଭ କରନ୍ତି। ତାଙ୍କର ଏହି ଭୁଲ୍ ବୁଝାମଣା ଯୋଗୁଁ ଉଭୟ ଭାରତ ଓ ପାକିସ୍ତାନର ଗୁପ୍ତଚର ଏଜେନ୍ସିଗୁଡ଼ିକ ମଧ୍ୟରେ ଏକ ଅତି ମଜାଦାର ପରିସ୍ଥିତି ସୃଷ୍ଟି ହୁଏ। ଆକାଶ ଏ. କୌଶିକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ଆୟୁଷ୍ମାନ ଓ ସାରାଙ୍କ ବ୍ୟତୀତ ରାହୁଲ ବୋଷ, ରାମ କପୁର, ଗୁଲଶନ ଗ୍ରୋଭର, ରଘୁବୀର ଯାଦବ, ସୁପ୍ରିୟା ପିଲଗାଓଁକର ଏବଂ ଦିବଂଗତ ଅଭିନେତା ମୁକୁଲ ଦେବ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ସ ଏବଂ ଗୁନିତ୍ ମୋଙ୍ଗାଙ୍କ ସିଖ୍ୟା ଏଣ୍ଟରଟେନମେଣ୍ଟ ମିଳିତ ଭାବେ ଏହାର ପ୍ରଯୋଜନା କରୁଛନ୍ତି।

## କିଚେନ୍ ଗାର୍ଡେନରେ ପାଳଙ୍ଗ

**ଶୀତଦିନେ କିଚେନ୍‌ଗାର୍ଡେନରେ ପାଳଙ୍ଗ ଚାଷ କରିବା ଖୁବ୍ ସହଜ। ଅକ୍ଟୋବରରୁ ଜାନୁଆରୀ ମାସ ମଧ୍ୟରେ ପାଳଙ୍ଗ ବିହନ ବୁଣିଲେ ଅଧିକ ଲାଭ ମିଳିଥାଏ।**



ପାଳଙ୍ଗ ଚାଷ ପାଇଁ ଦୋରସା, ବାଲିଆ ମାଟି ସର୍ବୋତ୍ତମ। ଗ୍ରୋବ୍ୟାଗ୍ କିମ୍ବା ବଡ଼ ଚଉଡ଼ା କୁଣ୍ଡରେ ମାଟିକୁ ଗୁଣ୍ଡ କରି ସେଥିରେ ଜିଆଖତ, ଗୋବର ଖତ, ନିମ୍ବ ପିଡ଼ିଆ ମିଶାଇ ମାଟି ପ୍ରସ୍ତୁତ କରାଯାଏ। ଚାଷ ପାଇଁ ସର୍ବଦା ଉନ୍ନତ ଓ ରୋଗସହଣୀ ବିହନ ଚୟନ କରିବା ଆବଶ୍ୟକ। ଉନ୍ନତ କିସମ ବ୍ୟବହାର ଦ୍ୱାରା ଗଛଗୁଡ଼ିକ ସମାନ ଆକାରରେ ବଢ଼ିଥାଏ। ବିହନ ବୁଣିବାର ୨୪ ଘଣ୍ଟା ପୂର୍ବରୁ ଏହାକୁ ଭିଜାଇ ଗଜା କରାଯାଏ। କୁଣ୍ଡରେ କଣା କରି ଏହା ଉପରେ ଖତ ମିଶା ମାଟିକୁ ଦେଇ ହାଲୁକା ଜଳସିଞ୍ଚନ କରାଯାଏ। ପରେ ଗଜା ହୋଇଥିବା ବିହନ ପକାଇ ମାଟି ଚଳାଇ ହାଲୁକା ଜଳସିଞ୍ଚନ କରିପାରିବେ। ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ କୁଣ୍ଡକୁ ରଖିପାରିବେ। କୁଣ୍ଡରୁ ମାଟି ଶୁଖିଗଲେ ପାଣି ଦେବା ଆବଶ୍ୟକ। ମଞ୍ଜି ବୁଣିବାର ୨୦ରୁ ୩୦ ଦିନ ଅନ୍ତରାଳରେ ପତ୍ରକୁ ୬ରୁ ୭ ଥର କାଟିବା ଜରୁରି। ବିହନ ବୁଣିବାର ୩୫ରୁ ୪୦ ଦିନ ମଧ୍ୟରେ ଫସଲ ପ୍ରସ୍ତୁତ ହୋଇଥାଏ।




## ଏମାସର ଚାଷ

- ଅକ୍ଟୋବର ମାସରେ କମ୍ ତାପମାତ୍ରା ଯୋଗୁଁ ଚାଷୀମାନେ ବିଭିନ୍ନ ପ୍ରକାର ଫୁଲ, ପନିପରିବା ଲଗାଇଥା'ନ୍ତି। ଗାଜର, କଞ୍ଚାଲଙ୍କା, ମୂଳା, ବାଇଗଣ, କୋବି, ଟମାଟୋ ଆଦି ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ।
- ସଅଳ କିସମ ଧାନରେ ଶତକଡ଼ା ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟିଦେବା ଉଚିତ। ଧାନ ଅମଳ ପରେ ୨ରୁ ୩ ଦିନ ଟାଣ ଖରାରେ ଶୁଖାଇ ରଖାଯାଏ। ସେହିପରି ବିଳମ୍ବରେ ରୁଆଯାଇଥିବା ମଧ୍ୟମ କିସମ ଧାନ ଏବଂ ବିଳମ୍ବ କିସମ ଧାନ ଗର୍ଭ ଅବସ୍ଥାରେ ଥିଲେ ଏକର ପ୍ରତି ୮ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର କେଣ୍ଡାସାର ଭାବେ ପ୍ରୟୋଗ କରିପାରିବେ।
- ମକାରେ ଭଣ୍ଡାଚୋପା ହଳଦିଆ ହେଲେ ଓ ଦାନା ପାକଳ ହୋଇଥିଲେ ଅମଳ କରିନେବା ଆବଶ୍ୟକ। ସେହିପରି ମାଣ୍ଡିଆ କେଣ୍ଡା ପାକଳ ହେବା ସଙ୍ଗେ ସଙ୍ଗେ କାଟି ଦେବା ଆବଶ୍ୟକ।
- ହରଡ଼ ଫସଲରେ ଛୁଇଁବିନ୍ଧା ଓ ବାଘୁଆ ପୋକ ଲାଗିବାର ସମ୍ଭାବନା ରହିଛି। ଏହାକୁ ଅନୁମୋଦିତ ବିଷ ପ୍ରୟୋଗ କରି ନିୟନ୍ତ୍ରଣ କରିପାରିବେ।
- ଧାନ କାଟିବାର ୧୫ ଦିନ ପୂର୍ବରୁ ଜମିରେ ଯଥେଷ୍ଟ ଆର୍ଦ୍ରତା ଥିବା ଅବସ୍ଥାରେ ମୁଗ, ବିରି, ମସୁର, ମଟର ଓ ସୋରିଷ ପାଇରା ଫସଲ ଭାବେ ବୁଣି ଦିଅନ୍ତୁ।
- ଡିପ ଓ ଡିପାଳିଆ ମଧ୍ୟମ କିସମ ଜମିରେ ମୁଗ, ବିରି, କୋଳଥ ଡାଲିଜାତୀୟ ଫସଲ ଚାଷ କରିପାରିବେ। ସେହିପରି ଶୀତିଦିନିଆ ପନିପରିବା ଚାରା ମୁଖ୍ୟ ଜମିରେ ରୋଇବା ଆବଶ୍ୟକ।



## ସଅଳ ବଢ଼ିବେ ଛେଳି

ଛେଳିଙ୍କ ଓଜନ ବୃଦ୍ଧି ପାଇଁ ସନ୍ତୁଳିତ ଖାଦ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ତେଣୁ ସେମାନଙ୍କ ଖାଦ୍ୟ ତାଲିକାରେ ଚଣା, ମକା, ସୋୟାବିନ, ନଡ଼ାଜାତୀୟ ଖାଦ୍ୟ ସାମିଲ କରିପାରିବେ।

ତିନିମାସ ପରେ ଛେଳିଛୁଆଙ୍କୁ ଦୈନିକ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ସହିତ ମଲ୍‌ଟିଭିଟାମିନ୍ ଟନିକ୍, ଆଇରନ୍ ଟନିକ୍ ଆଦି ଦେବା ଆବଶ୍ୟକ। ଏହାସହିତ କ୍ୟାଲ୍‌ସିୟମ, ଫସ୍‌ଫରସ୍, ଲିଭରଟନିକ୍ ଖାଇବାକୁ ଦେବା ଉଚିତ। ଛେଳିଙ୍କୁ ଉପଯୁକ୍ତ ମାତ୍ରାର ନଡ଼ାଜାତୀୟ ଖାଦ୍ୟ ଦେଇପାରିବେ। ଖାଦ୍ୟରେ ଧାତବ ଲୁଣର ପରିମାଣ ୧୦ ଗ୍ରାମ ଦେବା ଦରକାର। ଭିଟାମିନ୍‌ଯୁକ୍ତ ଖାଦ୍ୟ ସହିତ ପ୍ରୋବାୟୋଟିକ ୫ ଗ୍ରାମ ଦେବା ଦରକାର। ଡାଲିଜାତୀୟ ଚାରା ଦିଆଯାଇପାରିବ। ଏଥିପାଇଁ ଚଣାକୁ ରାତିସାରା ଭିଜାଇ ସକାଳୁ ଏହାକୁ ରଗଡ଼ି ଛେଳିଙ୍କୁ ଖୁଆଇପାରିବେ। ଦୈନିକ ୭୦ରୁ ୮୦ ଗ୍ରାମ୍ ଚଣା ଦେବା ଆବଶ୍ୟକ। ପିଜୁଳି, ନିମ୍ବ ଏବଂ ସଜନାପତ୍ରରେ ଭିଟାମିନ୍ ଏ, ସି, ବି୬, କେ ଆଦି ରହିଥାଏ। ସେହିପରି ୧୦୦ ଗ୍ରାମ୍ ମକା ଗ୍ରାଇଣ୍ଡିଂ କରି ଏହାକୁ ୫ରୁ ୬ଘଣ୍ଟା ଭିଜାଇ ପାଣି ଶୋଷିନେବା ପରେ ଛେଳିଙ୍କୁ ଖାଇବାକୁ ଦେଇପାରିବେ। ଦୈନିକ ୫୦ରୁ ୭୦ ଗ୍ରାମ୍ ସୋୟାବିନ୍ ଭଜା ଦେବା ଦ୍ୱାରା ଛେଳି ବଳବାନ ହୁଅନ୍ତି। ତେବେ ଡାକ୍ତରଙ୍କ ପରାମର୍ଶରେ ଖାଦ୍ୟ ଦେବା ଉତ୍ତମ।

## ଧାନ ଫସଲରେ ମାଟିଆ ଗୁଣ୍ଡିପୋକର ନିୟନ୍ତ୍ରଣ

**ଖରିଫ ଧାନ ଫସଲରେ ଅକ୍ଟୋବର ମାସରେ ମାଟିଆ ଗୁଣ୍ଡିପୋକର ଆକ୍ରମଣ ଅଧିକ ଦେଖାଯାଏ। ମାଟିଆ ଗୁଣ୍ଡିପୋକ ସହିତ ଧଳାପିଠିଆ ଗୁଣ୍ଡିପୋକ ମଧ୍ୟ ଦେଖାଯାଆନ୍ତି। ଏହି ପୋକ ଧାନ ଗଛକୁ ପାଣି ଲାଗିଥିବା ସ୍ଥାନରେ ମେଞ୍ଚା ମେଞ୍ଚା ହୋଇ ଲାଗି ରହିଥାନ୍ତି। ଏହି ପୋକ ଧାନ ଚାଷକୁ ପ୍ରଭାବିତ କରୁଥିବାରୁ ଏହାର ସଠିକ୍ ପରିଚାଳନା କରିବା ଏକାନ୍ତ ଆବଶ୍ୟକ।**



ମାଟିଆ ଗୁଣ୍ଡି ପୋକ ଏକ ଧୂସର ରଙ୍ଗର ଛୋଟ ମାଛି ପ୍ରକାର ଦେଖାଯାନ୍ତି। ଏହା ମୁଖ୍ୟତଃ ଧାନ ଗଛର ମୂଳରେ ଓ ଜଳସ୍ତରର ଠିକ୍ ଉପରି ଭାଗରେ ଏକ ସଙ୍ଗେ ଅଧିକ ସଂଖ୍ୟାରେ ଦେଖିବାକୁ ମିଳେ। ଏହି କୀଟ ସହିତ ଧଳାପିଠିଆ ଗୁଣ୍ଡିପୋକ ମଧ୍ୟ ମିଶିକରି ଲାଗିଥାନ୍ତି। ବିଶେଷକରି ଧାନ ଫସଲରେ ଫୁଲ ଉଡେଇବା ଓ କେଣ୍ଡା ବାହାରିବା ଅବସ୍ଥାରେ ଏମାନେ ଅଧିକ ସଂଖ୍ୟାରେ ଲାଗି ଫସଲ ନଷ୍ଟ କରିଥାନ୍ତି। ଆକ୍ରାନ୍ତ ଗଛର ତଳପତ୍ର ପ୍ରଥମେ ହଳଦିଆ ପଡ଼ି ପରେ ସମ୍ପୂର୍ଣ୍ଣ ଗଛ ଈଷତ୍ ବାଦାମୀ ରଙ୍ଗର ହୋଇଯାଏ। ଏହି ପୋକ ଦ୍ୱୟ ସାଧାରଣତଃ ୨୮-୩୦ ସେଣ୍ଟିଗ୍ରେଡ୍ ତାପମାତ୍ରା ଓ ୮୦-୯୦% ଆର୍ଦ୍ରତାରେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି। ଖାଲୁଆ ଜମିରେ ସର୍ବଦା ଜଳ ଜମି ରହୁଥିଲେ, ଏହି ପୋକ ଅଧିକ ଦେଖାଯାନ୍ତି। ଅନୁମୋଦିତ ମାତ୍ରାଠାରୁ ଅଧିକ ଯବକ୍ଷାରଜାନ ଓ କମ୍ ପଟାସ ଖାଦ୍ୟସାର ପ୍ରୟୋଗ କରାଯାଇଥିଲେ ମାଟିଆ ଗୁଣ୍ଡି ପୋକର ପ୍ରାଦୁର୍ଭାବ ଦେଖାଯାଏ। ଧାନ ଫସଲରେ ଏହି ପୋକ ଆକ୍ରମଣ ଦେଖାଦେଲେ ଜମିରୁ ପାଣି କମାଇ ଦେବା ଉଚିତ। ଯବକ୍ଷାରଜାନଜାତୀୟ ଖାଦ୍ୟସାର ପ୍ରୟୋଗ କରିବା ଅନୁଚିତ। ବୁଦାପ୍ରତି ପୋକ ସଂଖ୍ୟା ୨ରୁ ୫ ଥିଲେ ଏକର ପ୍ରତି ୮୦ ଗ୍ରାମ୍ ଡାଇନୋଟେଫ୍ୟୁରାନ୍ ବା କ୍ଲୋଥିଆନିଡିନ୍ ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରିପାରିବେ। ସେହିପରି ୬୦ ଗ୍ରାମ୍ ଫ୍ଲୋନିକାମିଡ୍ ୫୦% ଡବ୍ଲ୍ୟୁଜି ବା ୧୨୦ ଗ୍ରାମ୍ ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁଜି ଏକରପ୍ରତି ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ପରେ ଚିନାବାଦାମ ଫସଲରେ ମୂଳ ଓ କାଣ୍ଡ ପଚା ରୋଗ ଲାଗିବାର ସମ୍ଭାବନା ଅଛି। ଏହି ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୪୦୦ ମିଲି ଭାଲିଡାମାଇସିନ ଏବଂ ହେକ୍ସାକୋନାଜୋଲର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଉଚ୍ଚ ଜମିରେ ଟମାଟୋ, ସଅଳ କିସମ ଫୁଲକୋବି ଚାରା ପକାନ୍ତୁ।
- ଶୋଷକ କୀଟ ମାନଙ୍କର (ଜଉ, ପତ୍ରଡିଆଁ, ଦହିଆ ଓ ଧଳାମାଛି) ନୀରିକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠା ଲାଗିଥିବା ହଳଦିଆ ଯନ୍ତାକୁ ଜମିରେ ଲଗାନ୍ତୁ।
- କୁକୁଡ଼ା ଚିଆଁ ୩ରୁ ୪ ସପ୍ତାହ ହୋଇଯାଇଥିଲେ ରାଣୀଖେତ ରୋଗ ପାଇଁ ଟୀକାକରଣ କରନ୍ତୁ।
- ଖୁର ସଂକ୍ରମଣ ଓ ପରଜୀବୀ ଆକ୍ରମଣର ଆଶଙ୍କା କମାଇବା ପାଇଁ ପଶୁଙ୍କୁ ଜଳାବଦ୍ଧ ଜମିରେ ଚରିବାକୁ ଛାଡ଼ନ୍ତୁ ନାହିଁ।

# ଉତ୍କଳ ସମାଚାର

## ସମ୍ପାଦକୀୟ...

**ବୁଧବାର ୭ ଅକ୍ଟୋବର ୨୦୨୬**

# ପ୍ରବାସୀ ଭରସା

ବର୍ତ୍ତମାନ ଶାନ୍ତି ପ୍ରତିଷ୍ଠା ନିମିନ୍ତ ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ଉଦ୍ୟମ ଯଦି ସଫଳ ହୁଏ, ତାହା ଭାରତ ପାଇଁ ବେଶ୍ ଅନୁକୂଳ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। କାରଣ ଏହା ପରେ ମଧ୍ୟପ୍ରାଚ୍ୟରେ ଯେଉଁ ପୁନଃନିର୍ମାଣର ଜୁଆର ଦେଖାଦେବ, ସେଥିପାଇଁ ବିଦେଶୀ ଶ୍ରମିକମାନଙ୍କ ଲାଗି ଚାହିଦାରେ ତୀକ୍ଷ୍ଣ ବୃଦ୍ଧି ଦେଖାଦେବ ଏବଂ ତାହା ମୁଖ୍ୟତଃ ଭାରତୀୟମାନଙ୍କ ଦ୍ୱାରା ପୂରଣ ହେବ ବୋଲି ଆଶା କରାଯାଇଥାଏ। ତାହା ଘଟିଲେ ସେ ଅଂଚଳରୁ ଭାରତକୁ ବୈଦେଶିକ ମୁଦ୍ରା ପ୍ରେରଣ ଓ 'ଏନ୍‌ଆର୍ଆଇ' ଜମାରେ ଉଲ୍ଲେଖନୀୟ ବୃଦ୍ଧି ଘଟିବାର ଦୃଢ଼ ସମ୍ଭାବନା ରହିଛି। ବେଶ୍ କିଛି କାଳ ଧରି ଭାରତୀୟ ଟଙ୍କାର ବିନିମୟ ମୂଲ୍ୟରେ ଘଟି ଚାଲିଥିବା ସ୍ଖଳନ ଓ ଭାରତରୁ ବିଦେଶୀ ପୁଞ୍ଜି ନିବେଶକମାନଙ୍କର ପଳାୟନ ଅର୍ଥନୀତିର ପରିଚାଳକମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇ ଦେଖା ଦେଇଛି। ଭାରତୀୟ ଅର୍ଥନୀତିର ପରିଚାଳନା ଦାୟିତ୍ୱରେ ଥିବା ଅନ୍ୟତମ ଶୀର୍ଷ ଅନୁଷ୍ଠାନ 'ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ' ଅସୀମ ଧୈର୍ଯ୍ୟର ପରିଚୟ ଦେଇ ଅନେକ ଦିନ ଯାଏ ଏଥିରେ କୃତ୍ରିମ ଭାବରେ ପରିବର୍ତ୍ତନ ଘଟାଇବା ଉଦ୍ଦେଶ୍ୟରେ ସିଧାସଳଖ କୌଣସି ହସ୍ତକ୍ଷେପ ନ କରି ବଜାରର ଗତିବିଧି ଉପରେ କେବଳ ନଜର ରଖି ଚାଲିଥିଲା। କିନ୍ତୁ ପରିସ୍ଥିତିରେ କୌଣସି ସୁଧାର ଘଟିବାର ଲକ୍ଷଣ ଦେଖା ନ ଯିବାରୁ ଦେଶ ଭିତରକୁ ବୈଦେଶିକ ମୁଦ୍ର ପ୍ରବେଶ ସ୍ରୋତରେ ଉନ୍ନତି ଘଟାଇବା ଆଶାରେ ରିଜର୍ଭ ବ୍ୟାଙ୍କ୍ ଏବେ ଏକ ପୁରାତନ କୌଶଳ ପ୍ରୟୋଗ କରିବାକୁ ନିଷ୍ପତ୍ତି ନେଇଛି। ଏହା ହେଲା- ବିଦେଶରେ ଥିବା ପ୍ରବାସୀ ଭାରତୀୟ (ଏନ୍‌ଆର୍ଆଇ)ମାନଙ୍କୁ ଭାରତରେ ସେମାନଙ୍କ ପାଖରେ ଥିବା ବୈଦେଶିକ ମୁଦ୍ରା ଜମା କରିବା ନିମିନ୍ତ ପ୍ରୋତ୍ସାହିତ କରିବା। ଅତୀତରେ କେତେକ ନିର୍ଦ୍ଦିଷ୍ଟ ବେ ?ଦେଶିକ ମୁଦ୍ରା ଜମା ପାଇଁ ନିୟମିତ ହାରଠାରୁ ଅଧିକ ହାରରେ ସୁଧ ଅର୍ପଣ କରି ଭାରତୀୟ ବ୍ୟାଙ୍କ୍‌ମାନେ 'ଏନ୍‌ଆର୍ଆଇ'ମାନଙ୍କୁ ସେମାନଙ୍କର ପାଣ୍ଠି ଏଠାରେ ଜମା କରିବା ପାଇଁ ଆକର୍ଷିତ କରିବାରେ ସଫଳ ହେବା ଦେଖାଯାଇଛି। ରିଜର୍ଭ ବ୍ୟାଙ୍କ୍ ଆଶା କରୁଛି ବର୍ତ୍ତମାନ ଅନୁରୂପ କେ ?ଶଳ ଅବଲମ୍ବନ କରି ଭାରତକୁ ସ୍ୱଳ୍ପକାଳୀନ ବୈଦେଶିକ ମୁଦ୍ରା ସ୍ରୋତରେ ଉନ୍ନତି ଘଟାଇ ଟଙ୍କାର ବିନିମୟ ମୂଲ୍ୟରେ ସ୍ଖଳନକୁ ପ୍ରତିହତ କରି ସେଥିରେ ଉତ୍‌ଥାନ ଘଟାଯାଇ ପାରିବ। ତେବେ ଏହି ଯୋଜନା 'ଏନ୍‌ଆର୍ଆଇ'ମାନଙ୍କ ପାଇଁ ଆକର୍ଷଣୀୟ ହୋଇଥିଲେ ହେଁ ଏବଂ ତାହାର ତାତ୍‌କାଳିକ ଲକ୍ଷ୍ୟ ହାସଲରେ ସଫଳ ହେବାର ସମ୍ଭାବନା ଥିଲେ ହେଁ, ଭାରତର ବୈଦେଶିକ ଋଣ ଭାରରେ ଏଥିଯୋଗୁଁ ଯେଉଁ ବୃଦ୍ଧି ଘଟିବ ତାହା ଭାରତର ସାମଗ୍ରିକ ଅର୍ଥନୀତି ପାଇଁ ବିପଦ ସୃଷ୍ଟି କରିପାରେ। ଗତ ମାର୍ଚ୍ଚ ସୁଦ୍ଧା ଭାରତର ବ୍ୟାଙ୍କ୍‌ମାନଙ୍କରେ ଜମା ହୋଇଥିବା ମୋଟ ବୈଦେଶିକ ମୁଦ୍ରାର ପରିମାଣ ଥିଲା ପ୍ରାୟ ୧୬୫ ବିଲିଅନ୍ ଡଲାର। ଏଥିରେ 'ଏନ୍‌ଆର୍ଆଇ'ମାନଙ୍କ ଦ୍ୱାରା କରାଯାଇଥିବା ଜମାର ଆକାର ଥିଲା ପ୍ରାୟ ୩୩ ବିଲିଅନ୍ ଡଲାର, ଯାହା ଥିଲା ମୋଟ ଜମାର ପ୍ରାୟ ୨୦ ଶତାଂଶ। ଉଲ୍ଲେଖଯୋଗ୍ୟ, ଯଦି ବିଗତ ୧୫ ବର୍ଷର ଧାରା ଉପରେ ଦୃଷ୍ଟି ନିକ୍ଷେପ କରାଯାଏ, ତେବେ ଦେଖାଯାଇଥାଏ ଯେ ୨୦୧୩ରେ ଏହି ଅନୁପାତ ଥିଲା ୪୧ ଶତାଂଶ, ଯାହା ହେଉଛି ଏଇ ସମୟ କାଳ ମଧ୍ୟରେ ସର୍ବୋଚ୍ଚ। 'ଏନ୍‌ଆର୍ଆଇ' ପାଣ୍ଠି ସ୍ରୋତ ସହିତ ଭାରତୀୟ ଅର୍ଥନୀତିର ସଂପର୍କ ଅତୀତରେ ଅନେକ ଉତ୍‌ଥାନ ପତନ ଦେଇ ଗତି କରିବା ଦେଖାଯାଇଛି। ବର୍ତ୍ତମାନ 'ଏନ୍‌ଆର୍ଆଇ' ଅର୍ଥ ପ୍ରେରଣ ଯେଉଁଭଳି ଭାରତର ବାହ୍ୟ ଏକାଉଣ୍ଟର ଏକ ମଜଭୁତ ସ୍ତମ୍ଭରେ ପରିଣତ ହୋଇଛି, ଅତୀତରେ ତାହା ସର୍ବଦା ସେଭଳି ନ ଥିଲା। ୧୯୯୧ର ଅର୍ଥନୈତିକ ସଂକଟର ପୂର୍ବବର୍ତ୍ତୀ ସମୟରେ ଭାରତୀୟ ବ୍ୟାଙ୍କ୍‌ମାନଙ୍କୁ 'ଏନ୍‌ଆର୍ଆଇ' ଜମାର ସୁଅ ଛୁଟିବା ଦେଖାଯାଇଥିଲା। କିନ୍ତୁ ସେ ସଂକଟ ଯେମିତି ମୁଣ୍ଡ ଟେକିବାକୁ ଆରମ୍ଭ କଲା, 'ଏନ୍‌ଆର୍ଆଇ'ମାନେ ସେମାନଙ୍କର ଜମାକୁ ଉଠାଇ ଏଠାରୁ ପଳାୟନ କରିବାକୁ ଲାଗିଲେ, ଯାହା ଅର୍ଥଶାସ୍ତ୍ରର ଭାଷାରେ ଏକ ବହିର୍ମୁଖୀ 'ହଟ୍ ମନି ଫ୍ଲୋ' ('ଉତପ୍ତ ଅର୍ଥ ସ୍ରୋତ')ରେ ପରିଣତ ହୋଇଥିଲା। ସେମାନଙ୍କର ଜମାର ମୂଲ୍ୟ ଓ ନିରାପତା ସମ୍ବନ୍ଧରେ ଚିନ୍ତିତ ହୋଇ 'ଏନ୍‌ଆର୍ଆଇ'ମାନେ ତାହାକୁ ଭାରତୀୟ ବ୍ୟାଙ୍କ୍‌ମାନଙ୍କରୁ ପ୍ରତ୍ୟାହାର କରିନେବାରେ ଲାଗିଥିଲେ। ତା' ପରେ ଅବଶ୍ୟ ବେଳେବେଳେ ଟଙ୍କାର ବିନିମୟ ହାରକୁ ଠେସ ଦେଇ ରଖିବା ପାଇଁ ଓ ତତ୍‌କ୍ଷଣାତ୍ ଦେଶ ଭିତରକୁ ସ୍ୱଳ୍ପକାଳୀନ ବୈଦେଶିକ ମୁଦ୍ରା ପ୍ରବାହ ଆକର୍ଷିତ କରିବା ପାଇଁ 'ଏନ୍‌ଆର୍ଆଇ' ଜମାକୁ ଏକ ଫଳପ୍ରଦ ଉପାୟ ରୂପେ ବ୍ୟବହାର କରାହୋଇଛି। ଏହାର ଏକ ପ୍ରକୃଷ୍ଟତମ ଉଦାହରଣ ଦେଖିବାକୁ ମିଳିଥିଲା ୨୦୧୩ରେ, ଯେତେବେଳେ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ୍ 'ଫେଡେରାଲ୍ ରିଜର୍ଭ'ର ତତ୍‌କାଳୀନ ଚେଆରମ୍ୟାନ୍ ବେନ୍ ବର୍ନାଙ୍କେ ସେଠାରେ ଅନୁସୃତ ସଂପ୍ରସାରଣଶୀଳ ମୁଦ୍ରା ନୀତି ('କ୍ୱାଂଟିଟେଟିଭ୍ ଇଜିଙ୍ଗ୍')ରେ ଅନ୍ତ ଘଟାଇବା ସମ୍ବନ୍ଧରେ ଇସାରା ଦେବାରୁ ଅଧିକ ଆୟ ଲୋଭରେ ନିବେଶକମାନେ ଭାରତ ଭଳି ବିକାଶଶୀଳ ଦେଶମାନଙ୍କରୁ ସେମାନଙ୍କର ପୁଞ୍ଜି ପ୍ରତ୍ୟାହାର କରି ଆମେରିକାମୁହାଁ ହେବାକୁ ଲାଗିଲେ, ଯାହା 'ଟେପର୍ ଟାଟ୍ରମ୍' ରୂପେ ପରିଚିତ। ନିବେଶକମାନଙ୍କର ପଳାୟନଜନିତ ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ରିଜର୍ଭ ବ୍ୟାଙ୍କ୍ ସେତେବେଳେ 'ଏନ୍‌ଆର୍ଆଇ'ମାନଙ୍କୁ ଆକର୍ଷିତ କରିବା ଲାଗି ଅନୁରୂପ କୌଶଳ ଅବଲମ୍ବନ କରି ବେଶ୍ ସଫଳତା ଅର୍ଜନ କରିଥିଲା। ଏହାର ପ୍ରମାଣ ସ୍ୱରୂପ ତିନି ମାସ ମଧ୍ୟରେ 'ଏନ୍‌ଆର୍ଆଇ' ଜମା ରୂପରେ ଭାରତରେ ୨୪.୫ ବିଲିଅନ୍ ଡଲାର ପ୍ରବେଶ କରିଥିଲା। ଏହା ପୁଞ୍ଜି ପଳାୟନର ନକାରାତ୍ମକ ପ୍ରଭାବର ତୀବ୍ରତାକୁ ସୀମିତ କରିବାରେ ସହାୟକ ହୋଇଥିଲା। ସୂଚନାଯୋଗ୍ୟ ଯେ ମୁଖ୍ୟତଃ ଦୁଇଟି ଦେଶରେ ଥିବା 'ଏନ୍‌ଆର୍ଆଇ'ମାନେ ଭାରତୀୟ ବ୍ୟାଙ୍କ୍‌ମାନଙ୍କରେ ଏଭଳି ଜମା କରିବାକୁ ଆଗେଇ ଆସିଥିଲେ: 'ୟୁଏଇ' ଓ ଯୁକ୍ତରାଷ୍ଟ୍ର ଆମେରିକା। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, କାରଣ ବିଦେଶକୁ ବୃତି ସନ୍ଧାନରେ ଯାଉଥିବା ଅଧିକାଂଶ ଭାରତୀୟ ପୃଥିବୀର ଏଇ ଦୁଇ ଅଂଚଳ ଦିଗରେ ହିଁ ମୁହାଁଇଥାନ୍ତି। ଏଇ ପରିପ୍ରେକ୍ଷୀରେ ବର୍ତମାନ ଶାନ୍ତି ପ୍ରତିଷ୍ଠା ନିମିତ ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ଉଦ୍ୟମ ଯଦି ସଫଳ ହୁଏ, ତାହା ଭାରତ ପାଇଁ ବେଶ୍ ଅନୁକୂଳ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। କାରଣ ଏହା ପରେ ମଧ୍ୟପ୍ରାଚ୍ୟରେ ଯେଉଁ ପୁନଃନିର୍ମାଣର ଜୁଆର ଦେଖାଦେବ, ସେଥିପାଇଁ ବିଦେଶୀ ଶ୍ରମିକମାନଙ୍କ ଲାଗି ଚାହିଦାରେ ତୀକ୍ଷ୍ଣ ବୃଦ୍ଧି ଦେଖାଦେବ ଏବଂ ତାହା ମୁଖ୍ୟତଃ ଭାରତୀୟମାନଙ୍କ ଦ୍ୱାରା ପୂରଣ ହେବ ବୋଲି ଆଶା କରାଯାଇଥାଏ। ତାହା ଘଟିଲେ ସେ ଅଂଚଳରୁ ଭାରତକୁ ବୈଦେଶିକ ମୁଦ୍ରା ପ୍ରେରଣ ଓ 'ଏନ୍‌ଆର୍ଆଇ' ଜମାରେ ଉଲ୍ଲେଖନୀୟ ବୃଦ୍ଧି ଘଟିବାର ଦୃଢ଼ ସମ୍ଭାବନା ରହିଛି। ପୂର୍ବରୁ କୁହାଯାଇଥିବା ଭଳି 'ଏନ୍‌ଆର୍ଆଇ' ଜମାରେ ବୃଦ୍ଧି ଭାରତର ବୈଦେଶିକ ଋଣର ଆକାରରେ ବୃଦ୍ଧି ଘଟାଇବ। ଏହା ଅର୍ଥନୀତି ପାଇଁ ବିପଦମୁକ୍ତ ନ ହୋଇପାରେ। ବର୍ତମାନର ଇରାନ ଯୁଦ୍ଧ ଭଳି ୧୯୯୧ରେ ଯେତେବେଳେ ଉପସାଗରୀୟ ଯୁଦ୍ଧ ('ଗଲ୍‌ଫ ୱାର) ଲାଗିଥିଲା,'ଏନ୍‌ଆର୍ଆଇ'ମାନେ ଛାନିଆ ହୋଇ ସେତେବେଳେ ଭାରତରୁ ସେମାନଙ୍କର ଜମା ଅପସାରିତ କରି ପଳାଇବାକୁ ଲାଗିବାରୁ ତାହା ପରେ ପରେ ଭାରତରେ ଦେଖାଦେଇଥିବା ଅର୍ଥନୈତିକ ସଂକଟକୁ ଆହୁରି ଗୁରୁତର କରିଥିଲା। ତେବେ ଇତିମଧ୍ୟରେ ଭାରତୀୟ ଅର୍ଥନୀତିର ଧକ୍‌କା ସମ୍ଭାଳିବା କ୍ଷମତାରେ ବେଶ୍ ଉନ୍ନତି ଘଟିଛି। ଉଦାହରଣ ସ୍ୱରୂପ ସେତେବେଳେ ଭାରତର ସ୍ୱଳ୍ପକାଳୀନ ବୈଦେଶିକ ଋଣର ଅନୁପାତ ଭାରତର ବୈଦେଶିକ ମୁଦ୍ରା ପାଣ୍ଠିର ଏକ ବିପଜ୍ଜନକ ୧୪୭ ଶତାଂଶ ଥିବାବେଳେ ବର୍ତ୍ତମାନ ତାହା ପ୍ରାୟ ମାତ୍ର ୨୦ ଶତାଂଶ ମଧ୍ୟରେ ସୀମିତ ରହିଛି। ତଥାପି 'ଏନ୍‌ଆର୍ଆଇ'ମାନେ ଯେମିତି ପୁଣି ଏକ ଉନ୍ତପ୍ତ ଅର୍ଥ ସ୍ରୋତ ସୃଷ୍ଟି ନ କରନ୍ତି, ରିଜର୍ଭ ବ୍ୟାଙ୍କ୍‌କୁ ସେଥିପ୍ରତି ସର୍ବଦା ସଜାଗ ରହିବାକୁ ହେବ।

# କାଲ ଆଗରେ ମୂଳା

ଏଠାରେ ସେଇ ଆଦିମ ସମାଜ ଭଳି ସମସ୍ତ ପ୍ରକାର ଦୃଶ୍ୟମାନ ଉପଭୋଗ, ସଂପଦର ନଗ୍ନ ପ୍ରଦର୍ଶନ ସଂପୂର୍ଣ୍ଣ ସାମାଜିକ ସ୍ୱୀକୃତି ଲାଭ କରିଥାଏ, ଯାହାର ବଳିଷ୍ଠତମ ପ୍ରମାଣ ସ୍ୱରୂପ ଦେଶର ସର୍ବୋଚ୍ଚ ଶାସକ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି, ବିରୋଧୀ ଦଳମାନଙ୍କର ଅଧିକାଂଶ ତୁଙ୍ଗ ନେତା ଓ ଏପରିକି ସର୍ବୋଚ୍ଚ ଧର୍ମଗୁରୁ ଶଙ୍କରାଚାର୍ଯ୍ୟ ପର୍ଯ୍ୟନ୍ତଙ୍କୁ ଉପରୋକ୍ତ ବିବାହ ଉତ୍ସବରେ ଯୋଗ ଦେବା ଦେଖିବାକୁ ମିଳିଛି। ଭେବ୍‌ଲେନ୍‌ଙ୍କ ଏହି ଦୁନିଆରେ ତେଣୁ ଦୃଶ୍ୟମାନ ଉପଭୋଗରୁ ବିରତ ରହିବା ପାଇଁ ଆହ୍ୱାନ ଦେବା ହେଉଛି କାଲ ଆଗରେ ମୂଳା ଚୋବାଇବା ଭଳି। ପ୍ରକାଶିତ ସମ୍ବାଦ ଅନୁସାରେ 'ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ' ('ଆରଏସ୍‌ଏସ୍')ର ରାଚିଁ ଠାରେ ସଦ୍ୟ ସମାପ୍ତ ପ୍ରାନ୍ତ ପ୍ରଚାରକ ସମ୍ମିଳନୀରେ ଭାରତକୁ ଏକ ଆଦର୍ଶ ବିକଶିତ ଦେଶରେ ପରିଣତ କରିବା ନିମିନ୍ତ ଏହାର ନାଗରିକମାନଙ୍କ ଠାରେ ଯେଉଁ ସମସ୍ତ ଆଚରଣର ଉପସ୍ଥିତି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା, ସେଥିରେ ଅନ୍ତର୍ଭୁକ୍ତ ଅଛି ଅନାବଶ୍ୟକ ପ୍ରଦର୍ଶନୀମୂଳକ ବ୍ୟୟ ଅଭ୍ୟାସ ପରିତ୍ୟାଗ ଓ ମିତବ୍ୟୟିତା ପାଳନ। ଭାରତ ସମ୍ବନ୍ଧରେ ସାଧାରଣତଃ ଏକ ଧାରଣା ସର୍ବଦା ପ୍ରସାରିତ ହୋଇଆସିଛି ଯେ ଏହାର ଆତ୍ମା ହେଉଛି ଆଧ୍ୟାତ୍ମିକ, ଯେଉଁଠି 'ଆରଏସ୍‌ଏସ୍' ଆଶଙ୍କା କରୁଥିବା ଉପରୋକ୍ତ ମନ୍ଦ ଅଭ୍ୟାସର ସ୍ଥାନ ନାହିଁ, ଯେଉଁଠି ଲୋକମାନେ ବସ୍ତୁବାଦୀ ପ୍ରଦର୍ଶନ ପଛରେ ଧାଆଁନ୍ତି ନାହିଁ। ଯଦି ଭାରତ ସମ୍ବନ୍ଧରେ ଏହି ଧାରଣା ସତ ହୋଇଥାନ୍ତା, ତେବେ ଭାରତୀୟମାନଙ୍କୁ କେହି ଏଭଳି ଉପଦେଶ ଦେବାର ଆବଶ୍ୟକତା ନଥାନ୍ତା। କିନ୍ତୁ ସତ କଥା ହେଲା ଭାରତ ବର୍ତ୍ତମାନ ଯେଉଁ ପ୍ରଗତି ହାସଲ ପାଇଁ ଲାଗିପଡ଼ିଛି ଓ ସେଥିରେ ସଫଳତା ପାଇଁ ଆନ୍ତର୍ଜାତିକ ଖ୍ୟାତି ଲାଭ କରିଚାଲିଛି, ତାହା ହେଉଛି ସଂପୂର୍ଣ୍ଣ ରୂପେ ବସ୍ତୁଭିତ୍ତିକ ଓ ଯାହାର ମାପକାଠି ହେଉଛି 'ଜିଡିପି'ରେ ବୃଦ୍ଧି ହାର। ଏଭଳି ଏକ ସମାଜ, ଯେଉଁଠି ବସ୍ତୁର ମାଲିକାନା ସଫଳତାର ପରିଚାୟକ ହୋଇଥାଏ, ସେଠାରେ ଏହି ସମ୍ପଦର ପ୍ରଦର୍ଶନ ଅନିବାର୍ଯ୍ୟ ଭାବରେ ଏକ ସର୍ବଗ୍ରାସୀ ମାନବୀୟ ପ୍ରବୃତିରେ ପରିଣତ ହୋଇଥାଏ, ଯାହାର ଏକ ଚରମ ପ୍ରଦର୍ଶନ ଏବେ ଦେଶର ଜଣେ ଅଗ୍ରଣୀ ଶିଳ୍ପପତିଙ୍କ ପରିବାରରେ ଏକ ବିବାହ ଉତ୍ସବ ରୂପରେ ସମଗ୍ର ବିଶ୍ୱବାସୀଙ୍କୁ ଚମକୃତ କରିଦେଇଛି। ଯେଉଁ ପାରମ୍ପରିକ ଅର୍ଥଶାସ୍ତ୍ରୀମାନେ 'ଅର୍ଥନୈତିକ ମନୁଷ୍ୟ' ବା 'ହୋମୋ ଇକୋନୋମିକସ୍'ର ଆଚରଣକୁ ଯୁକ୍ତିସଂଗତ ଲାଭକ୍ଷତିର ହିସାବ ଉପରେ ଆଧାରିତ ବୋଲି ବିଶ୍ୱାସ କରିଥାନ୍ତି, ସେମାନଙ୍କୁ ଏପରି ଲଗାମହୀନ ନଗ୍ନ ପ୍ରଦର୍ଶନ ସଂପୂର୍ଣ୍ଣ ରୂପେ ଉଦ୍ଭଟ ମନେ ହୋଇପାରେ। କିନ୍ତୁ ମନୁଷ୍ୟର ଏଭଳି ପ୍ରଦର୍ଶନପ୍ରବଣ ପ୍ରବୃତି ପଛରେ ନିହିତ ଥିବା ଶକ୍ତିଶାଳୀ ସମାଜତାତ୍ତ୍ୱିକ କାରଣ ଅନୁସନ୍ଧାନ କରି ଆବିଷ୍କାର କରିଥିଲେ ଉନବିଂଶ-ବିଂଶ ଶତାବ୍ଦୀର ପ୍ରସିଦ୍ଧ ଅଣପାରମ୍ପରିକ ଆମେରିକୀୟ ଅର୍ଥନୀତିଜ୍ଞ ଥରଷ୍ଟାଇନ୍ ଭେବ୍‌ଲେନ୍। 'ଆରଏସ୍‌ଏସ୍' ବର୍ତ୍ତମାନ ଯେଉଁଭଳି ପ୍ରଦର୍ଶନୀମୂଳକ ଅନାବଶ୍ୟକ ଖର୍ଚ୍ଚକୁ ନିରୁତ୍ସାହିତ କରିବାକୁ ସାଧୁ ଆହ୍ୱାନ ଦେଇଛି, ୧୮୯୯ରେ ପ୍ରକାଶିତ ତାଙ୍କର ସର୍ବପ୍ରଥମ ତଥା ସର୍ବାଧିକ ଆଦୃତ ପୁସ୍ତକ 'ଦି ଥିଓରି ଅଫ୍ ଦି ଲିଜର୍ କ୍ଲାସ୍'ରେ ଭେବ୍‌ଲେନ୍ ତାହାର ନାମକରଣ କରିଥିଲେ- 'କନ୍‌ସ୍ପିକ୍ୟୁଅସ୍ କନ୍‌ସମ୍ପସନ୍' ('ଦୃଶ୍ୟମାନ ଉପଭୋଗ')। 'କନସ୍ପିକ୍ୟୁଅସ୍ କନ୍‌ସମ୍ପସନ୍'ର କାରଣ ଆବିଷ୍କାର ପାଇଁ ଗବେଷଣା କରିବା ଅବସରରେ ଭେବ୍‌ଲେନ୍ କେତେକ ପ୍ରାଚୀନ ଆଦିମ ସମାଜମାନଙ୍କ ସମ୍ବନ୍ଧରେ ଜାଣିବାକୁ ପାଇଲେ, ଯେଉଁଠି ବଳ ପ୍ରୟୋଗ ଦ୍ୱାରା କିମ୍ବା କୌଶଳ ପ୍ରୟୋଗ ଦ୍ୱାରା ଅନ୍ୟମାନଙ୍କୁ ଶୋଷଣ କରି ସଂପଦ ଠୁଳ କରିପାରୁଥିବା ସଦସ୍ୟମାନଙ୍କୁ ସମାଜର ସର୍ବାଧିକ ମର୍ଯ୍ୟାଦାଜନକ ଆସନ ପ୍ରଦାନ କରାଯାଇଥାଏ। ଏହି ଶୋଷଣକାରୀମାନଙ୍କୁ ସମାଜର ଅନ୍ୟ ସଦସ୍ୟମାନେ ସେ ସମାଜର ସଫଳତମ ସଦସ୍ୟ ରୂପେ ବିଚାର କରି ସେମାନଙ୍କୁ ଅନୁକରଣ କରିବାକୁ ଚେଷ୍ଟା ଚଳାଇଥାନ୍ତି। ଆଉ ଏହି ତଥାକଥିତ ସଫଳ ସଦସ୍ୟମାନେ ସେମାନେ ଶୋଷଣ କରି ଠୁଳ କରିଥିବା ସଂପଦକୁ ନିଜର ସଫଳତା ଓ କ୍ଷମତାର ଚିହ୍ନ ସ୍ୱରୂପ ସର୍ବସାଧାରଣଙ୍କ ସମ୍ମୁଖରେ ପ୍ରଦର୍ଶନ କରିବାର କୌଣସି ସୁଯୋଗ ହାତଛଡ଼ା କରନ୍ତି ନାହିଁ। ତେବେ ପ୍ରାଚୀନ ସମାଜର ଏଭଳି ବର୍ବର ପରମ୍ପରା ସହିତ ଆଧୁନିକ ମାନବ ସମାଜର ସଂପର୍କ କ'ଣ ? ଭେବ୍‌ଲେନ୍‌ଙ୍କ ମତରେ- ସଂପର୍କ ହେଉଛି ଗଭୀର। ପ୍ରାଚୀନ ସମାଜ ଭଳି ଆଧୁନିକ ସମାଜ ମଧ୍ୟ ଶୋଷକ ଓ ଶୋଷିତମାନଙ୍କ ମଧ୍ୟରେ ବିଭକ୍ତ; ଆଧୁନିକ ସମାଜର ଶୋଷକମାନେ କିନ୍ତୁ ପ୍ରାଚୀନ ଆଦିମ ସମାଜର ଶୋଷକମାନଙ୍କ ଭଳି ସିଧାସଳଖ ଶୋଷିତଙ୍କର ସଂପତ୍ତି କିମ୍ବା ନାରୀମାନଙ୍କୁ ଛଡ଼ାଇ ନିଅନ୍ତି ନାହିଁ। ଏହା ବଦଳରେ ସେଇ ସମାନ ପ୍ରଭାବ ସୃଷ୍ଟି କରିବା ପାଇଁ ଆଧୁନିକ ଶୋଷକମାନେ ଯାହା ଠୁଳ କରି ବିଭିନ୍ନ ଉପାୟରେ ପ୍ରଦର୍ଶନ କରିଥାନ୍ତି, ତାହା ହେଉଛି- ଅର୍ଥ। ପ୍ରାଚୀନ ସମାଜରେ ସଫଳ ଶୋଷକମାନେ ଯେଉଁଭଳି ଅନ୍ୟ ସମସ୍ତଙ୍କ ପାଇଁ ଈର୍ଷଣୀୟ ଓ ଅନୁକରଣୀୟ ଥିଲେ, ଆଧୁନିକ ସମାଜର ଏହି ସଫଳ ଧନିକ ଶ୍ରେଣୀ ସେହିପରି ଅନ୍ୟ ସମସ୍ତଙ୍କର ଆଦର୍ଶ ରୂପେ ବିବେଚିତ ହୋଇଥାନ୍ତି। ଆଦିମ ସମାଜରେ ସାଧାରଣତଃ ଅଧିକ ବଳବାନ, ଅଧିକ ଲଢୁଆ ଓ ଭୟ ଉଦ୍ରେକକାରୀ ସଦସ୍ୟମାନେ ଏଭଳି ମର୍ଯ୍ୟାଦାର ଅଧିକାରୀ ହୋଇଥାନ୍ତି। ଭେବ୍‌ଲେନ୍‌ଙ୍କ ଅନୁସାରେ ଆଧୁନିକ ସମାଜରେ ଅର୍ଥ ବଳରେ ବଳୀୟାନ୍ ସଦସ୍ୟମାନେ ସେଇ ସ୍ଥାନ ଦଖଲ କରିଥାନ୍ତି ଓ ସେଇ ଅର୍ଥ ବ୍ୟବହାର କରି ଦୃଶ୍ୟମାନ ଖର୍ଚ୍ଚ ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରିଥାନ୍ତି (ଯେମିତି ପ୍ରସାରିତ ସୂଚନା ଅନୁସାରେ ଉପରୋକ୍ତ ବିବାହରେ ପ୍ରତ୍ୟେକ ବରଯାତ୍ରୀଙ୍କୁ ଗୋଟିଏ ଲେଖାଏଁ ଦୁଇ କୋଟି ଟଙ୍କା ମୂଲ୍ୟର ହାତ ଘଡ଼ି ଉପହାର ପ୍ରଦାନ)। ଯେହେତୁ ସମାଜ ଦୃଷ୍ଟିରେ ଏହା ଆଦର୍ଶ ରୂପେ ବିବେଚିତ ହୋଇଥାଏ, ସମାଜର ପ୍ରତ୍ୟେକ ସଦସ୍ୟ ମଧ୍ୟ ନିଜ ନିଜର ଶକ୍ତି ଅନୁସାରେ ଏହାର ଅନୁକରଣ କରି ଦୃଶ୍ୟମାନ ଖର୍ଚ୍ଚ (ଉପଭୋଗ) ମାଧ୍ୟମରେ ସମାଜରେ ନିଜର ପତିଆରା ରକ୍ଷା କରିବାକୁ ଚେଷ୍ଟା କରିଥାଏ। ଭେବ୍‌ଲେନ୍‌ଙ୍କ ଭାଷାରେ ''ବର୍ବର ମନୁଷ୍ୟଟିଏକୁ ଯେମିତି ତା' ଗୋଷ୍ଠୀର ଶାରୀରିକ ଶକ୍ତି, ଚାଲାକି ଓ ଅସ୍ତ୍ରଚାଳନା କୌଶଳ ପାଇଁ ସ୍ଥାପିତ ମାନ ହାସଲ କରିବାକୁ ଚେଷ୍ଟା କରିବାକୁ ପଡୁଥିଲା'', ଆଧୁନିକ ମନୁଷ୍ୟକୁ ମଧ୍ୟ ସେହିପରି ସଂପଦ ଠୁଳ କରିବାକୁ ଚେଷ୍ଟା କରିବାକୁ ପଡ଼ିଥାଏ ଓ ତାହାର ପ୍ରଦର୍ଶନ କରିବାକୁ ପଡ଼ିଥାଏ।

# ସରସ ରସ : ଚେତନାନନ୍ଦ କିଏ ?

## ସୁଭାଷ ପଟ୍ଟନାୟକ

ଚିତ୍ ହେଉଛି ଚେତନା ଓ ତା'ର ସ୍ୱଭାବ ହେଉଛି ଆନନ୍ଦ। ଉଭୟ ଏକାଠି ହୋଇ ଚେତନାନନ୍ଦ। ସତ୍-ଚିତ୍-ଆନନ୍ଦର ଅନ୍ୟତମ ଦୁଇ ଉପାଦାନ। ନିକଟରେ ଜଣେ ଜ୍ଞାନଗୁରୁ ଏକ ପ୍ରବଚନ ସଭାରେ ଏହାର ଆଧ୍ୟାତ୍ମିକ ବ୍ୟାଖ୍ୟା କରୁଥାନ୍ତି। ଜଣେ ଶ୍ରୋତା ପ୍ରଶ୍ନ କଲେ, ଚିତ୍ କିଏ ? ଆନନ୍ଦ କ'ଣ ଓ ଚିତ୍ କିପରି ଆନନ୍ଦ ସହିତ ସଂପର୍କିତ ଜ୍ଞାନଗୁରୁ ଆତ୍ମା, ପରମାତ୍ମା, ଗୀତା, ଭାଗବତ ମଧ୍ୟରେ ପ୍ରଶ୍ନଟିକୁ ଏମିତି ଛନ୍ଦି ଦେଲେ ଯେ, ସେଥିରୁ କିଛି ବୁଝି ହେଲାନି। ସେଥିପାଇଁ ଏ ଆଲେଖ୍ୟଟି ଜିଜ୍ଞାସୁମାନଙ୍କ ଉଦ୍ଦେଶ୍ୟରେ। ଆଖି ସାମନାରେ ଯାହା ସବୁ ଦୃଷ୍ଟିଗୋଚର ହୁଏ, ତାହାକୁ ଆମେ ସତ୍ୟ ଭାବିଥାଉ। ମାତ୍ର ପ୍ରକୃତରେ ତାହା ସତ୍ୟ କି ? ଦୃଷ୍ଟି ପଥାରୂଢ଼ ସକଳ ପଦାର୍ଥର ଦୁଇଟି ଉପାଦାନ ରହିଛି। ଦୃଶ୍ୟ ଓ ଦ୍ରଷ୍ଟା। ମୁଁ ଏବେ କାଗଜରେ ଲେଖୁଛି। କାଗଜଟି ଦୃଶ୍ୟ ଓ ମୋର ଚକ୍ଷୁ ଦ୍ୱୟ ଦ୍ରଷ୍ଟା। ମାତ୍ର ଦୃଶ୍ୟଟି ଚକ୍ଷୁରେ ସୀମିତ ରହି ନଥାଏ। ଚକ୍ଷୁ କ'ଣ ଦେଖିଲା ତାକୁ ମଧ୍ୟ ଜଣେ ଦେଖୁଥାଏ। ତାହା ଆମର ମନ। ଚକ୍ଷୁ ବିନା ମନ ମଧ୍ୟ ଅନେକ କିଛି ନିଜେ ଦେଖିପାରେ। ସେଗୁଡ଼ିକ ଆମର ଚିନ୍ତା, ଚିନ୍ତାଧାରା ଓ ମନୋଭାବ। ମନକୁ ପୁଣି ଦେଖୁଛି ଯିଏ, ସେ ପରମ ଦ୍ରଷ୍ଟା ହେଉଛି 'ଚିତ୍' ବା ଆମର ଚେତନା। ଚେତନା ନିଜେ ଅପରିବର୍ନ୍ତିତ ରହି ସକଳ ପରିବର୍ନ୍ତନକୁ ପର୍ଯ୍ୟବେକ୍ଷଣ କରୁଥାଏ। ତା'ହେଲେ ବାସ୍ତବତା କୁହାଯିବ କାହାକୁ ? ଯିଏ ନିଜ ଅସ୍ତିତ୍ୱର ପ୍ରକାଶ ପାଇଁ ଅନ୍ୟ ଉପରେ ନିର୍ଭର କରେ ସିଏ ନା ଚେତନା ଦ୍ୱାରା ଯାହାର ଯାଚଂ ପ୍ରତାଳ ହୋଇଥାଏ ସିଏ ? ଯାହା ପରିବର୍ନ୍ତନଶୀଳ ଓ ନିଜର ପ୍ରକାଶ ପାଇଁ ଅନ୍ୟ କିଛି ଉପରେ ନିର୍ଭର କରେ ତାହା କେବଳ ତୁଳନାତ୍ମକ ଭାବରେ ବାସ୍ତବ। ଏହାର ସ୍ୱାଧୀନ ଅସ୍ତିତ୍ୱ କିଛି ନଥାଏ। ଅନ୍ଧାରରେ ଦଉଡ଼ିଟିଏ ସାପ ପରି ଦେଖାଯାଏ ମାତ୍ର ଧ୍ୟାନର ସହିତ ନିରୀକ୍ଷଣ କଲେ ତା'ର ବାସ୍ତବ ସ୍ୱରୂପ ସାପ ବଦଳରେ ଦଉଡ଼ି ବୋଲି ଜାଣି ହୁଏ। ଠିକ୍ ସେମିତି ଜଗତ ଆମକୁ ବାସ୍ତବ ମନେହେଲେ ମଧ୍ୟ ଏହାର ଅସ୍ତିତ୍ୱ ନିର୍ଭର କରେ ଚକ୍ଷୁ ବଦଳରେ ଚେତନା ଉପରେ। ଦର୍ପଣ ସାମନାରେ ମନୁଷ୍ୟର ପ୍ରତିଫଳନ ହସେ, କାନ୍ଦେ, କଥା କହେ, ଗତି କରେ ଓ ପ୍ରତିକ୍ରିୟା ଦେଖାଏ। ସେ ପ୍ରତିଫଳନ ଆମକୁ ବାସ୍ତବ ମନେହୁଏ। କିନ୍ତୁ ସେ ପ୍ରତିବିମ୍ବର ସ୍ୱାଧୀନ ଅସ୍ତିତ୍ୱ କିଛି ନାହିଁ। ସାମନାରେ ଥିବା ବ୍ୟକ୍ତି ଓ ଦର୍ପଣ, ଏ ଉଭୟଙ୍କ ଉପରେ ନିର୍ଭର କରେ ଏହାର ଅସ୍ତିତ୍ୱ। ଠିକ୍ ସେମିତି ଜଗତ ଏକ ପ୍ରତିବିମ୍ବ ପରି, ଯାହା ଚେତନା ମାଧ୍ୟମରେ ଆମକୁ ବାସ୍ତବ ମନେ ହେଉଛି। ଚେତନା ଜଗତ ଉପରେ ନିର୍ଭର କରେନି, ବରଂ ଜଗତ ଚେତନା ଉପରେ ନିର୍ଭର କରେ। ତା'ହେଲେ କ'ଣ ଏ ଜଗତ ମିଥ୍ୟା ? ଜଗତ ଅର୍ଥହୀନ କି ମିଥ୍ୟା ନୁହେଁ, ଚୂଡ଼ାନ୍ତ ବାସ୍ତବତାର ଏକ ପ୍ରତିବିମ୍ବ ମାତ୍ର। ଠିକ୍ ଯେମିତି ଦର୍ପଣର ପ୍ରତିବିମ୍ବ ମିଛ ନୁହେଁ। ବାସ୍ତବତା ନଥିଲେ ତା'ର ପ୍ରତିବିମ୍ବ ଆସନ୍ତା କେଉଁଠୁ ? ପରଦା ଉପରେ ଚଳଚ୍ଚିତ୍ର ଦୃଶ୍ୟ ହେବାପରି ଏ ଜଗତ ଚେତନାର ପରଦା ଉପରେ ପ୍ରତିବିମ୍ବିତ ହେଉଛି। ଚରିତ୍ର, ଅଭିନୟ ଓ ଭାବାବେଗ ସବୁ କିଛି ଜୀବନ୍ତ ମନେ ହେଉଛି, କିନ୍ତୁ ପରଦା ରହି ଯାଉଛି ଅଦୃଶ୍ୟ ଓ ଅପରିବର୍ତ୍ତିତ। ଥରେ ଆମେ ନିଜକୁ ଚେତନାର ସେଇ ପରଦା ଭାବରେ ଚିହ୍ନି ନେଇ ପାରିଲେ ଆଉ ସେ ଚଳଚ୍ଚିତ୍ରର ମାୟାରେ ହଜିଯିବା ନାହିଁ। ଏବେ ଜାଣିବା ଆନନ୍ଦ କ'ଣ ଓ ଚେତନା ସହିତ ତାହା କିପରି ସଂପର୍କ ରଖେ। ଚେତନାର ମୂଳ ସ୍ୱରୂପ ଦୁଃଖରହିତ ନିର୍ମଳ ଆନନ୍ଦ। ସେ ହେଉଛି ଅସ୍ତିତ୍ୱର ସୁଗନ୍ଧ ଓ ଚେତନାର ନିରୋଳା ଅନୁଭବ। ଯେତେବେଳେ ମନ ଭାସମାନ ଚିନ୍ତା ଓ ଅପର୍ଯ୍ୟାପ୍ତ ଇଚ୍ଛାମାନଙ୍କ ସହିତ ନିଜକୁ ସଂଯୋଗ କରିବା ବନ୍ଦ କରିଦିଏ, ସେତେବେଳେ ଅସ୍ତିତ୍ୱର ଅନ୍ତର୍ନିହିତ ବାସ୍ତବତା ନିଜକୁ ଶୂନ୍ୟତା ଓ ଯନ୍ତ୍ରଣାର ଅନୁଭବ ବଦଳରେ ସଂପୂର୍ଣ୍ଣ ପରିପୂର୍ଣ୍ଣତା, ସନ୍ତୁଷ୍ଟି ଓ ଶାନ୍ତି ରୂପରେ ଚେତନାକୁ ପ୍ରକାଶ କରେ। ଏହା ହିଁ ଚେତନାର ଚିରନ୍ତନ ଆନନ୍ଦ ଓ ନିଜସ୍ୱ ପ୍ରକୃତି। ଯେତେବେଳେ ଆମେ ଅନୁଭବ କରୁ ଯେ, ସମସ୍ତ ଅସ୍ତିତ୍ୱ ହିଁ ଚେତନା ଓ ଆମେ ମଧ୍ୟ ତା'ର ଏକ ଅଂଶ, ଏ ଆତ୍ମ-ଚେତନାର ସ୍ୱରୂପକୁ ଅନୁଭବ କଲାବେଳେ ସମଗ୍ର ଜଗତ ଏକ ଭ୍ରମ ବୋଲି ଅନୁଭବ ହୁଏ, ଅର୍ଥାତ୍ ଆମର ତମାମ ଦୁଃଖ ମଧ୍ୟ ସେ ଭ୍ରମର ଅଂଶ ବୋଲି ଜ୍ଞାତ ହୋଇଥାଏ। ଏ ଭ୍ରମ ଚେତନା ମାଧ୍ୟମରେ ଜ୍ଞାତ ହୋଇଯିବା ହେତୁ ଦୁଃଖ ଆଉ କିଛି ରହେନାହିଁ। ଦୁଃଖର ଅନ୍ତ ହେଲେ ବାକି ଯାହା ରହେ ତାହା ହିଁ ଆନନ୍ଦ। ଚେତନା ସହିତ ଆନନ୍ଦର ସଂପର୍କ ଏହିଠାରେ। କିନ୍ତୁ ନିର୍ବୋଧ ମନୁଷ୍ୟ ଆନନ୍ଦର ଅନ୍ୱେଷଣ କରୁଛି ନିଜସ୍ୱ ଚେତନାକୁ ଛାଡ଼ି ବାକି ସବୁ ସ୍ଥାନରେ। ସନ୍ଥ କବୀର ଲେଖିଛନ୍ତି, "କସ୍ତୁରୀ କୁଁଡ଼ଲି ବସୈ, ମୃଗ ଢୁଁଢ଼େ ବନ୍ ମାହି / ଏସେ ଘଟୀ ଘଟୀ ରାମ୍ ହୈଁ, ଦୁନିୟା ଦେଖୈ ନାହି"। ଯେମିତି ହରିଣ ତା' ନାଭିରେ କସ୍ତୁରି ଥିଲେ ମଧ୍ୟ ସାରା ଜଙ୍ଗଲରେ ତା'ର ସୁଗନ୍ଧକୁ ଖୋଜି ବୁଲୁଥାଏ, ସେମିତି ପରମାତ୍ମା ସଚ୍ଚିଦାନନ୍ଦ ରୂପରେ ଏ ଶରୀରରେ ଥିଲେ ମଧ୍ୟ ମନୁଷ୍ୟ ତାକୁ ଚିହ୍ନି ନପାରି ଶରୀର ବାହାରେ ଖୋଜି ବୁଲୁଥାଏ।

# କାଁପଡାରେ ୯ କୋଟିରେ ନିର୍ମାଣ ହେବ କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀ ନିବାସ

ଭଦ୍ରକ,: ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ କାଁପଡ଼ାସ୍ଥିତ ମା' ବାସୁଳି ହାଇସ୍କୁଲ ନିକଟରେ ୯କୋଟିଟଙ୍କା ବ୍ୟୟରେ ନିର୍ମିତ ହେବ କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀ ନିବାସ ।ସେଥିପାଇଁ ଜମି ଚିହ୍ନଟ ସରିଯାଇଛି। କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ଅଧୀନ ସମଗ୍ର ଶିକ୍ଷା ଅଭିଯାନ ଛାତ୍ରୀ ନିବାସ ନିର୍ମାଣ କରାଯିବ । ତେବେ ଛାତ୍ରୀ ନିବାସ ନିର୍ମାଣ ଲାଗି ପ୍ରଥମ ପର୍ଯ୍ୟାୟରେ ୨.୫୦ କୋଟି ଅନୁଦାନ ଯୋଗାଇ ଦିଆଯାଇଛି । କାଁପଡା ମା ବାସୁଳି ଉଚ୍ଚ ମାଧ୍ୟମିକ ସ୍କୁଲରେ ଅଧ୍ୟୟନ କରୁଥିବା ତଫସିଲ ଭୁକ୍ତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟର ସମେତ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଷଷ୍ଠରୁ ଯୁକ୍ତ ୨ ଶ୍ରେଣୀର ଛାତ୍ରୀମାନେ ଛାତ୍ରୀ ନିବାସରେ ରହିପାରିବେ। ଏଠାରେ ରହୁଥିବା ଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ରହିବା, ଖାଇବା, ୟୁନିଫର୍ମ ପୋଷାକ, ପାଠ୍ୟପୁସ୍ତକ ତଥା ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦିଆଯିବ । କେବଳ ପାଠ୍ୟପୁସ୍ତକ ଶିକ୍ଷା ସହିତ ବାଳିକାମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଏଠାରେ ବିଭିନ୍ନ ପ୍ରକାର ସହ-ପାଠ୍ୟକ୍ରମ କାର୍ଯ୍ୟକ୍ରମରେ କମ୍ପୁଟର ଶିକ୍ଷା, ସିଲେଇ, ହସ୍ତଶିଳ୍ପ, ସଙ୍ଗୀତ, ନୃତ୍ୟ ଏବଂ ଆତ୍ମରକ୍ଷା ପାଇଁ କରାଟେ ବା ସାମରିକ କଳା ଶିକ୍ଷା ଦିଆଯିବାର ବ୍ୟବସ୍ଥା ରହିଛି । ଗତକାଲି ଜିଲ୍ଲା ସର୍ବଶିକ୍ଷା ଅଭିଯାନର ବାଳିକା ଶିକ୍ଷା ସଂଯୋଜିକା ଇପ୍ସିତା ଜେନା, ବ୍ଲକ କନିଷ୍ଠ ଯନ୍ତ୍ରୀ ଭରତ ଚନ୍ଦ୍ର ବିଶ୍ୱାଳ କ୍ଷେତ୍ର ପରିଦର୍ଶନରେ ଯାଇ ସ୍ଥାନ ନିରୂପଣ କରିଥିବା ବେଳେ ହାଇସ୍କୁଲର ପ୍ରଧାନଶିକ୍ଷକ ବୁଦ୍ଧେଶ୍ୱର ମାରାଣ୍ଡି, ସହକାରୀ ଶିକ୍ଷକ କାହ୍ନୁଚରଣ ଦାସ,ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପଂଚାୟତ ବାସୀ କୃତଜ୍ଞତା ଜଣାଇଛନ୍ତି।

# ଶାକାହାର ଓ ନିରାମିଷ ଖାଦ୍ୟ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଜୀବ ଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ବୁଝିଥାଉ। ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ। ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଚ୍ଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ। ଏହି ଖାଦ୍ୟ ଆମିଷ କିମ୍ବା ନିରାମିଷ ହୋଇପାରେ। ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପତି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି ? ଏହି ପ୍ରଶ୍ନର ଉନ୍ତରରେ ଯୁଗପୁରୁଷୋନ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପତ୍ତି କାହିଁକି ? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ। ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ। ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ। କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଜୀବୀତ। ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଚିଂବା ପାଇଁ ସଂଗ୍ରାମରତ। ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ। ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ। ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଚଂଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟକ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଚିଂବା ପାଇଁ ସଂଗ୍ରାମ କରିବାକୁ ହୁଏ। ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ - ଭେଜିଟେବ୍‌ଲମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ। ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ। ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ। ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ। ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ। ଯେଉଁ ପ୍ରାଣୀ ନିମିନ୍ତ ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ। ଉଦାହରଣ ସ୍ୱରୂପ - ହାତୀ, ଗାଈ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି। କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଥାନ୍ତି। ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଏହି ସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ। ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି। ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତୀ ହୋଇ ଏହା କହିଥାଇପାରନ୍ତି। କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀର ପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି। ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି - ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି ? ଏହା ଉତରରେ ଯୁଗପୁରୁଷୋନ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ। ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତ୍ତି ହୋଇଗଲା। ସେତେବେଳେ ସେହି ପୋକଭରା ଜମିର ଫସଲ ଖାଇ ପେଟ ଖରାପ ହେଲା। ନାନା ପ୍ରକାର ପୋକଜୋକ ଓ ଛେଳି, ମେଣ୍ଢା ଇତ୍ୟାଦିକୁ ଭଗବାନ ମଣିଷର ଉପକାର ପାଇଁ ହିଁ ସୃଷ୍ଟି କରିଛନ୍ତି। ମଣିଷ ପାଇଁ ଧାନ, ଚାଉଳ ଓ ପନିପରିବା ଇତ୍ୟାଦି ସୃଷ୍ଟି କରିଛନ୍ତି। ଆମିଷାହାରୀ ମାନଙ୍କର କୌଣସି ରୋଗବିରାଗ ହେଲେ ଶରୀର ଯେତେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଏ ନିରାମିଷାଶୀଙ୍କ ତଦ୍‌ଜାତୀୟ ଅସୁସ୍ଥତା ହେଲେ ମଧ୍ୟ ଶରୀର ଏତେଟା କ୍ଷତିଗ୍ରସ୍ତ ହୁଏନାହିଁ। ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତେଜିତ କରେ, ସହନ-ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ। ନରହତ୍ୟା ଶବ୍ଦରେ ଆମ୍ଭେମାନେ ଆତଙ୍କିତ ହୋଇଉଠୁ କିନ୍ତୁ ଜୀବ ହତ୍ୟା ସମୟରେ ଆମକୁ କଷ୍ଟ ହୁଏନାହିଁ। ଏହିପରି ସହାନୁଭୂତିହୀନ ହୋଇ ପ୍ରବୃନ୍ତି ସ୍ୱାର୍ଥରେ ମଣିଷକୁ ହତ୍ୟା କରିବା ପାଇଁ ମଧ୍ୟ ମଣିଷକୁ କଷ୍ଟ ହୁଏନାହିଁ। ମଣିଷର ଦନ୍ତକୁ ଭଗବାନ ତୃଣ ଜାତୀୟ ଖାଦ୍ୟ ଖାଇବା ପାଇଁ ଗଢ଼ିଛନ୍ତି। ବାଘ, କୁକୁର ଇତ୍ୟାଦି ମାଂସାଶୀ ପ୍ରାଣୀମାନଙ୍କ ଭଳି ମନୁଷ୍ୟର ଶ୍ୱାନଦନ୍ତ ନାହିଁ। ବରଂ ମଣିଷର ଶ୍ୱାନଦନ୍ତ ଗାଈ, ଘୋଡ଼ା ସହିତ ସମାନ। ବଡ଼ ବଡ଼ ଚିକିତ୍ସକ ଓ ବୈଜ୍ଞାନିକମାନେ ମଧ୍ୟ ନିରାମିଷ ଆହାର ସପକ୍ଷରେ ଅନେକ କଥା କହିଛନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋନ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - 'ମୋର ମନେହୁଏ ଯେଉଁମାନେ ଉନ୍ନତର ଜୀବନ ଯାପନ କରିବାକୁ ଚାହାଁନ୍ତି ଓ ସୁସ୍ଥ ଦେହରେ ସ୍ୱଚ୍ଛନ୍ଦ ମନରେ କ୍ରମାଗତି ନେଇ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଇବା ହିଁ ଉଚିତ ଓ ଗୋଟିଏ ଜୀବନର ଚେତନା ପ୍ରଗତିକୁ ରୁଦ୍ଧକରି ଆମିଷ ଭକ୍ଷଣ କରିବା ଅନୁଚିତ'। ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଚଂଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟକ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଚିଂବା ପାଇଁ ସଂଗ୍ରାମ କରିବାକୁ ହୁଏ। ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ - ଭେଜିଟେବ୍‌ଲମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ। ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ। ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ। ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ। ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ। ଯେଉଁ ପ୍ରାଣୀ ନିମିନ୍ତ ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଲାୟନ୍ସ ଜିଲ୍ଲା ୩୨୨ସି୨ର ଦ୍ୱିତୀୟ କ୍ୟାବିନେଟ୍ ବୈଠକ



ସମ୍ବଲପୁର,୬/୧୦(ନି/ପ୍ର):ଲାୟନ୍ସ ଇଣ୍ଟରନ୍ୟାସନାଲ୍ ଜିଲ୍ଲା ୩୨୨ସି୨ର ୨୦୨୬-୨୭ ଲାୟନିଷ୍ଟିକ୍ ବର୍ଷର ଦ୍ୱିତୀୟ କ୍ୟାବିନେଟ୍ ବୈଠକ ସମ୍ବଲପୁରସ୍ଥିତ ହୋଟେଲ୍ ହରଜିତ୍ ରେସିଡେନ୍ସିରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଗଭର୍ଣ୍ଣର ଲାୟନ୍ ଚରଣଜିତ୍ କୌର ହୁରା ବୈଠକରେ ଅଧକ୍ଷତା କରିଥିଲେ। ଏଥିରେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ୍ ମମତା ଗୌତମ, ପ୍ରଥମ ଉପଜିଲ୍ଲା ଗଭର୍ଣ୍ଣର ଲାୟନ୍ ଦୁର୍ଗେଶ ନନ୍ଦିନୀ, ଦ୍ୱିତୀୟ ଉପଜିଲ୍ଲା ଗଭର୍ଣ୍ଣର ଲାୟନ୍ ଚିନ୍ମୟଞ୍ଜନ ଦାଶ, କ୍ୟାବିନେଟ୍ ସଚିବ ଲାୟନ୍ କୁଶପ୍ରୀତ୍ ହୁରା, କ୍ୟାବିନେଟ୍ କୋଷାଧକ୍ଷ ଲାୟନ୍ ରୋହିତ ଅଗ୍ରୱାଲ ଏବଂ ଜିଲ୍ଲା ଜନସମ୍ପର୍କ ଅଧିକାରୀ ଲାୟନ୍ ଶାଲୁ ଚାନ୍ଦେଲ ଯୋଗ ଦେଇଥିଲେ। ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ୍ ପି.ସି. ନାୟକ, ଆର.କେ. ସିଂହ, ବ୍ରିଜମୋହନ ଅଗ୍ରୱାଲ, ଅଶୋକ ଜାଲାନ୍ ଓ ଦୁର୍ଗା ଶର୍ମାଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଂଚଳର କ୍ୟାବିନେଟ୍ ସଦସ୍ୟ ଉପସ୍ଥିତ ଥିଲେ। ରାଉରକେଲାରୁ ଟିଟିଲାଗଡ଼ ପର୍ଯ୍ୟନ୍ତ ବିଭିନ୍ନ ସହରର ଲାୟନ୍ସ କ୍ଲବ୍‌ର ସଦସ୍ୟ ଓ ସଦସ୍ୟାମାନେ ମଧ୍ୟ ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନ ଅଂଚଳ ଓ ଜୋନ୍‌ର କାର୍ଯ୍ୟକଳାପ ସମ୍ପର୍କିତ ରିପୋର୍ଟ ଉପସ୍ଥାପନ ସହ ଜିଲ୍ଲାର ସେବାମୂଳକ ପ୍ରକଳ୍ପ ଓ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ମିଶନ୍ ୧.୫, ଏଲ୍‌ସିଆଇଏଫ୍, ସେବା କାର୍ଯ୍ୟକ୍ରମ, ସଦସ୍ୟ ସଂଖ୍ୟା ବୃଦ୍ଧି ଏବଂ କ୍ଲବ୍‌ଗୁଡ଼ିକର ଉତ୍କର୍ଷତା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନର କାର୍ଯ୍ୟଯୋଜନା, ଲକ୍ଷ୍ୟ ଓ ରଣନୀତି ନିର୍ଦ୍ଧାରଣ ନେଇ ମଧ୍ୟ ମତବିନିମୟ ହୋଇଥିଲା। ଜିଲ୍ଲା, ଜୋନ୍ ଓ କ୍ଲବ୍‌ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ସେବା କାର୍ଯ୍ୟକୁ ଅଧିକ ବ୍ୟାପକ ଓ ଫଳପ୍ରଦ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାର ଲକ୍ଷ୍ୟ ଓ କାର୍ଯ୍ୟକ୍ରମକୁ ପ୍ରତ୍ୟେକ କ୍ଲବ୍‌ରେ ପହଞ୍ଚାଇବା ସହ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ଓ ଅଂଶଗ୍ରହଣ ପାଇଁ ଆହ୍ୱାନ ଦିଆଯାଇଥିଲା। ଜିଲ୍ଲାର ଚଳିତ ବର୍ଷର ମୂଳମନ୍ତ୍ର 'ସ୍ପ୍ରେଡିଂ ୱିଙ୍ଗସ୍, ସର୍ଭିଂ ହାର୍ଟସ୍' ଏବଂ ଅନ୍ତର୍ଜାତୀୟ ମୂଳମନ୍ତ୍ର 'ରୁଟେଡ୍ ଇନ୍ ସର୍ଭିସ୍'କୁ ସାକାର କରିବା ପାଇଁ ଜିଲ୍ଲା ଗଭର୍ଣ୍ଣର ଲାୟନ୍ ଚରଣଜିତ୍ କୌର ହୁରା ସମସ୍ତଙ୍କୁ ଏକତା, ନିଷ୍ଠା ଓ ସମର୍ପଣର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ଜନସେବା ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ଜିଲ୍ଲାକୁ ଅଧିକ ସଫଳ ଓ ପ୍ରଭାବଶାଳୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

# ରେଙ୍ଗାଲିରେ ନୂଆଁଖାଇ ଜୁହାର ଭେଟ ମହାସମାରୋହରେ ପାଳିତ



ସମ୍ବଲପୁର,୬/୧୦(ନି/ପ୍ର): ରେଙ୍ଗାଲି ଜୁହାର ଭେଟ କମିଟି ପକ୍ଷରୁ ଆମ୍ବେଦକର ବାଇପାସ୍ ଛକସ୍ଥିତ ମଙ୍ଗଳବାର ବଜାର ପ୍ରାଙ୍ଗଣର ଖୋଲା ପେଣ୍ଡାଲରେ ନୂଆଁଖାଇ ଜୁହାର ଭେଟ ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି। କମିଟି ସଭାପତି ଅନ୍ତର୍ଯ୍ୟାମୀ ପାଣିଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିମାନେ ମା' ସମଲେଇଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରିଥିଲେ। ମା' ସମଲେଇଙ୍କ ଭଜନ ପରିବେଷଣରେ ଉତ୍ସବସ୍ଥଳ ଆଧାତ୍ମିକ ପରିବେଶରେ ମୁଖରିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଓ ଶିକ୍ଷାବିତ୍ ସୁବାଷ ଚନ୍ଦ୍ର ନାୟକ ଯୋଗଦେଇ ନୂଆଁଖାଇ ପର୍ବ ଭାଇଚାରା, ଏକତା, ବରିଷ୍ଠଙ୍କ ପ୍ରତି ସମ୍ମାନ ଓ ସମ୍ବଲପୁରୀ ଅସ୍ମିତାକୁ ଆଗେଇ ନେବାରେ ସହାୟକ ବୋଲି କହିଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱକୁ ସ୍ମରଣ କରି ସେ ପଶ୍ଚିମ ଓଡ଼ିଶା ପରିଷଦକୁ କ୍ରିୟାଶୀଳ କରିବା ଉପରେ ମତ ରଖିଥିଲେ। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ, ପୂର୍ବତନ ବିଧାୟକ ନାଉରୀ ନାୟକ ଓ ଦୁର୍ଯ୍ୟୋଧନ ଗରଡିଆ, ବ୍ଲକ୍ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ନିମାଇଁ ପଣ୍ଡା, ଅମରେଶ ପଣ୍ଡା, ଦିଲୀପ ଦୂରିଆ ଓ ଡ. ନରେଶ ସାହୁଙ୍କ ସମେତ ଅନ୍ୟ ଅତିଥିମାନେ ମଞ୍ଚାସୀନ ଥିଲେ। ସେମାନେ ଭାଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହ ଦଳମତ ନିର୍ବିଶେଷରେ ଏପରି ଆୟୋଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଶ୍ରୀ ନାୟକଙ୍କୁ ମାନପତ୍ର ଏବଂ ଅତିଥିମାନଙ୍କୁ ଟ୍ରଫି ଓ ପୁଷ୍ପମାଲ୍ୟ ଦେଇ ସମ୍ମାନିତ କରାଯାଇଥିଲା। କବି ଉନ୍ନମ ପ୍ରଧାନଙ୍କ ସମ୍ବଲପୁରୀ ପୁସ୍ତକ 'ଗାଁରେ ତ୍ରିନାଥ ମେଳା' ଉନ୍ମୋଚିତ ହୋଇଥିଲା। ହାସ୍ୟକବିଙ୍କ କବିତା ପାଠ, ବରଗଡ଼ର ଦିବ୍ୟରୂପା କଳା ପରିଷଦର ସାଂସ୍କୃତିକ ପରିବେଷଣ ଓ ମେଲୋଡି ସଙ୍ଗୀତ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଦୂରଦୂରାନ୍ତରୁ ଆସିଥିବା ହଜାର ହଜାର ଶ୍ରୋତା ଉତ୍ସବକୁ ଉପଭୋଗ କରିଥିଲେ। ମନୋଜ ନାୟକ ଓ ଗଗନ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି କୃଷ୍ଣ ମେହେର ଓ ବିରଚିଂ ବିଶ୍ୱାଳ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିବାବେଳେ, ସମ୍ପାଦକ ରାଧେଶ୍ୟାମ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକକଳାକାରଙ୍କୁ ମାନପତ୍ର ପ୍ରଦାନ

ସମ୍ବଲପୁର,୬/୧୦(ନି/ପ୍ର):ଜମନକିରା ବ୍ଲକ୍‌ର କେନାଢିପା ଗ୍ରାମ ପଚାଂୟତ ଅନ୍ତର୍ଗତ ନକଟିପାଲି ଗ୍ରାମର ଲୋକକଳାକାର, ସଂକୀର୍ତ୍ତନ କଳାକାର ଓ ବୀରସା ମୁଣ୍ଡା ନୃତ୍ୟଦଳର କଳାକାରମାନଙ୍କୁ କଳାକ୍ଷେତ୍ର, ଭୁବନେଶ୍ୱର ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଛି। ଗତ ୨୭ ସେପ୍ଟେମ୍ବର ୨୦୨୬ ରବିବାର ଦିନ ଖଣ୍ଡୋକଟାଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଲୋକକଳା ଚୟନ କାର୍ଯ୍ୟକ୍ରମରେ ନକଟିପାଲିର କଳାକାରମାନେ ଯୋଗଦେଇ ନିଜର କଳା ପ୍ରଦର୍ଶନ କରିଥିଲେ। ଏହି ଅବଦାନ ପାଇଁ ସେମାନଙ୍କୁ ସମ୍ମାନିତ କରାଯାଇ ମାନପତ୍ର ଦିଆଯାଇଥିଲା। ଏହି ଅବସରରେ କଳାକ୍ଷେତ୍ରର ସଂଯୋଜକ ଡାକ୍ତର ପର୍ଶୁରାମ ମଙ୍ଗରାଜ, ସମାଜସେବୀ ହରମୋହନ ପଟେଲ, ସଞ୍ଜୟ ଧୁରୁଆ, ଲକ୍ଷ୍ମୀଧର ବିନଦାନୀ, କବିଶିକେଶନ ବନଛୋର, ଲୋକକଳାକାର ଖଡୁ ମୁଣ୍ଡା ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ସ୍ଥାନୀୟ କଳାକାରମାନେ ମଧ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ଗୌରବାନ୍ୱିତ କରିଥିଲେ। ଶେଷରେ ରୁଷି ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ ।



# ଖଣ୍ଡୋକଟା ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ ଉତ୍ସବ



ସମ୍ବଲପୁର,୬/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ୍‌ର ଖଣ୍ଡୋକଟା ଗ୍ରାମରେ ପୋଷଣ ଉତ୍ସବ ୨୦୨୬ ପାଳିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀ ଗିରିଜା ବକ୍ସାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ଶିଶୁ ଓ ମହିଳାମାନେ ଯୋଗଦେଇଥିଲେ। ଦୀପାଞ୍ଜଳି ଉର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗ୍ରାମର ମହିଳାମାନେ ସହଯୋଗ କରିଥିଲେ। ଅତିଥି ଭାବେ ନାଏବ ସରପଚଂ ରାଜକିଶୋର ସେଠୀ, ଆଶାକର୍ମୀ ପୁଷ୍ପାଞ୍ଜଳି ପୃସେଠ ଓ ପଙ୍କଜିନୀ ଉର୍ମା ଯୋଗଦେଇ ପୋଷଣ ଓ ଭିଟାମିନଯୁକ୍ତ ଖାଦ୍ୟର ଉପକାରିତା ବିଷୟରେ ଶିଶୁ ଓ ମହିଳାମାନଙ୍କୁ ବୁଝାଇଥିଲେ। ଖାଦ୍ୟ ସଚେତନତା ଓ ପୋଷଣର ଉପକାରିତା ଉପରେ ବକ୍ତୃତା ଦେଇଥିବା ଲୋକନାଥ ଉର୍ମା, ବିମଳ ମହାନନ୍ଦିଆ ଓ ଲେଲିନ ମନୋହାରୀଙ୍କୁ ଶେଷଦେବ ଉର୍ମା ପୁରସ୍କୃତ କରିଥିଲେ। ଶେଷରେ ଅଙ୍ଗନୱାଡି କର୍ମୀ ସମସ୍ତଙ୍କୁ ସମ୍ମାନର ସହ ବିଦାୟ ଜଣାଇଥିଲେ ।

# ପ୍ରାଥମିକ ଶିକ୍ଷକ ପଦୋନ୍ନତିର ଯାଂଚ ଦାବି

## ଜାଲିଆତି ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ସମ୍ବଲପୁର,୬/୧୦(ନି/ପ୍ର):ସମ୍ବଲପୁର ଜିଲ୍ଲାରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛି ଅଲ୍ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ। ପଦୋନ୍ନତି ପ୍ରକ୍ରିୟାର ଯାଂଚ କରିବା ସହ ଜାଲିଆତି କରିଥିବା ଅଭିଯୋଗ ଥିବା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ଦାବି କରିଛି। ସଂଘର ଅଭିଯୋଗ ଅନୁଯାୟୀ, ଜିଲ୍ଲାରେ କାର୍ଯ୍ୟରତ କିଛି ଶିକ୍ଷକ ଚାକିରି ସମୟରେ ଉଚ୍ଚଶିକ୍ଷା ହାସଲ କରିଥିବା ଦର୍ଶାଇ ପଦୋନ୍ନତି ପ୍ରସଙ୍ଗରେ ଅନିୟମିତତା କରିଛନ୍ତି। ଏହି ମାମଲାରେ ଶିକ୍ଷା ନିର୍ଦ୍ଦେଶାଳୟର ୬ ମେ ୨୦୨୩ର ନିର୍ଦ୍ଦେଶ ଏବଂ ଓସିଏସ୍ (ସିସିଏ) ନିୟମ, ୧୯୬୨ ଅନୁଯାୟୀ ତଦନ୍ତ ଓ ଶୃଙ୍ଖଳାଗତ ପଦକ୍ଷେପ ନିଆଯାଉନଥିବା ସଂଘ କହିଛି। ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ବବ୍ରୁବାହନ ଭୋଇ ଏହି ପଦୋନ୍ନତି ପ୍ରକ୍ରିୟାର ଯାଂଚ କରିବା ଏବଂ ଅଭିଯୋଗର ସତ୍ୟତା ପ୍ରମାଣିତ ହେଲେ ଦୋଷୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ସମ୍ବଲପୁର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦିଆଯାଇଛି।

# ଝାରସୁଗୁଡ଼ା ପୌରପରିଷଦରେ ସେବା ପକ୍ଷ -୨୦୨୬; ବୃକ୍ଷ ରୋପଣ ସହ ସ୍ୱାସ୍ଥ୍ୟ ଶିବିର



ଝାରସୁଗୁଡ଼ା,୬/୧୦(ନି/ପ୍ର):ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ପାଳନ କରାଯାଉଥିବା ସେବା ପକ୍ଷ ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସେବାମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ରବିବାର ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରଥମେ ଝାଡ଼େଶ୍ୱର ମନ୍ଦିରରେ ପୂଜା କରିବା ସହ ମନ୍ଦିର ପରିସରରେ ବୃକ୍ଷ ରୋପଣ କରିଥିଲେ। ପରେ ପୌରପରିଷଦ ଅନ୍ତର୍ଗତ ପୁରୁଣାବସ୍ତି ଏମପିଏଲ ହାଇସ୍କୁଲରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇଥିଲେ। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିବିର ପରିଦର୍ଶନ କରିବା ସହ ସେବାକାରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରି ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ବେଳେ ସ୍ଥାନୀୟ ଲୋକ ସ୍ୱତଃପ୍ରବୃତ୍ତ ଭାବେ ଏଥିରେ ଯୋଗଦାନ କରି ସେବା ଯୋଗାଇ ଦେଉଛନ୍ତି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଏହାସହ ଅଂଚଳର ଗରିବ ସାଧାରଣ ଜନତାଙ୍କ ନିକଟରେ ସ୍ୱାସ୍ଥ୍ୟ ସେବାକୁ ପହଂଚାଇବା ଏହି ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ ମତ ରଖିଥିଲେ। ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶିଶୁ ବିଭାଗ ଡାକ୍ତର ବି. ଏନ. କଶ୍ୟପ, ମେଡ଼ିସିନ ବିଭାଗ ଡାକ୍ତର ଶିବ ପ୍ରସାଦ ଶତପଥି ଏବଂ ସଂଜୀବନୀ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଡେଜ୍ନି ପଟେଲ ଓ ଡାକ୍ତର ବିଶ୍ୱାକେଶ ସାମନ୍ତରାୟ ପ୍ରମୁଖ ବିଶେଷଜ୍ଞ ଡାକ୍ତର ମାଗଣାରେ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ମୋଟ ୧୦୨ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଂଟନ କରାଯାଇଥିଲା। ସେହିପରି ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ ଡାକ୍ତର ଜୟରାମ ମେହେର ଉପସ୍ଥିତ ରହି ୧୫୦ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୫୦ ଜଣଙ୍କୁ ମାଗଣା ଚଷମା ବଂଟନ କରାଯାଇଥିଲା।ଏହାସହ ୪୫ ଜଣ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ରେଜିଷ୍ଟ୍ରେସନ କରାଯାଇଥିଲା ଓ ଯେଉଁ ରୋଗୀ ମାନଙ୍କର ଆଗାମୀ ଦିନରେ ଅସ୍ତ୍ରୋପଚାର ମାଗଣାରେ କରାଯିବ। ସ୍ୱାସ୍ଥ୍ୟ ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ବିମଳେନ୍ଦୁ ଭୋଳ, ରାଜେନ୍ଦ୍ର ସା, ଅନମୋଲ ମାଲହୋତ୍ରା, ମମତା ପଟେଲ, ମୁନକୁ ପାଣ୍ଡେ, ରୁବି ମହାନ୍ତି, ଯୋଶୀଳା ମାଝୀ, ବିବେକ ଶ୍ରୀବାସ, ସୁବ୍ରତ ସରାଫ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ସହଯୋଗ କରିଥିଲେ ଓ ଏହି ଶିବିରରେ ପୁରୁଣାବସ୍ତି ତଥା ଆଖପାଖ ଅଂଚଳର ଲୋକେ ମଧ୍ୟ ନିଜର ଚିକିତ୍ସା କରାଇଥିଲେ।

# ଭାଜପା କୋଲାବିରା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

## ସଂଗଠନ ସୁଦୃଢ଼ ସହ ଜନସମସ୍ୟା ସମାଧାନ ଉପରେ ଗୁରୁତ୍ୱ

ଝାରସୁଗୁଡ଼ା,୬/୧୦(ନି/ପ୍ର): କୋଲାବିରା କୃଷି କାର୍ଯ୍ୟାଳୟ ନିକଟସ୍ଥ ବଗିଚା ପରିସରରେ ଭାରତୀୟ ଜନତା ପାର୍ଟି (ଭାଜପା) କୋଲାବିରା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ରାଜେଶ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ ସଂଗଠନର ସୁଦୃଢ଼ୀକରଣ, ଆଗାମୀ କାର୍ଯ୍ୟପନ୍ଥା ଓ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବିଧାୟକ ତ୍ରିପାଠୀ ଦଳୀୟ କର୍ମକର୍ତ୍ତା ଓ କାର୍ଯ୍ୟକର୍ତ୍ତାଙ୍କ ସହ ମତ ବିନିମୟ କରିଥିଲେ। ଭାଜପା ସଂଗଠନକୁ ଅଧିକ ଶକ୍ତିଶାଳୀ, କ୍ରିୟାଶୀଳ ଓ ଜନମୁଖୀ କରିବା ପାଇଁ ସମୂହ ପ୍ରୟାସ ଓ ନିଷ୍ଠାପର ଉଦ୍ୟମ ଆବଶ୍ୟକ ବୋଲି ସେ କହିଥିଲେ। ଏଥିସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଯେପରି ଲୋକଙ୍କ ନିକଟରେ ପହଂଚି ପାରିବ, ସେଥିପାଇଁ କର୍ମୀମାନେ ସକ୍ରିୟ ଭୂମିକା ନେବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ମଣ୍ଡଳ ଉପସଭାପତି ସଞ୍ଜୟ ପୂଜାରୀ, ସମ୍ପାଦକ ଲିଙ୍କନ ଟଣ୍ଡକାର, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ, ସାଂସଦ ପ୍ରତିନିଧି ସମରେନ୍ଦ୍ର ରାୟ, ଝିର୍ଲାପାଲି ସରପଂଚ ତିଳୋତମା ଛଂଚାଣ, ସୌଦାମିନୀ କାଲୋଙ୍କ ସମେତ ଶତାଧିକ ଦଳୀୟ ନେତା, କର୍ମକର୍ତ୍ତା ଓ ସମର୍ଥକ ଉପସ୍ଥିତ ଥିଲେ।

### ଝାରସୁଗୁଡ଼ାରେ ପ୍ରଥମ ଗଣେଶ ପୂଜା ପୁରସ୍କାର :

# ହାଉସିଂ ବୋର୍ଡ କଲୋନୀକୁ ଶ୍ରେଷ୍ଠ ପୂଜା ମଣ୍ଡପ ସମ୍ମାନ, ରାଧାମାଧବ ମନ୍ଦିରକୁ ଶ୍ରେଷ୍ଠ ମୂର୍ତ୍ତି ପୁରସ୍କାର

ଝାରସୁଗୁଡ଼ା,୬/୧୦(ନି/ପ୍ର):ଝାରସୁଗୁଡ଼ାରେ ପ୍ରଥମଥର ପାଇଁ ଆୟୋଜିତ 'ଝାରସୁଗୁଡ଼ା ଗଣେଶ ପୂଜା ପୁରସ୍କାର-୨୦୨୬'ର ଫଳାଫଳ ଘୋଷିତ ହୋଇଛି। ହାଉସିଂ ବୋର୍ଡ କଲୋନୀ ଗଣେଶ ପୂଜା କମିଟି ଶ୍ରେଷ୍ଠ ମଣ୍ଡପ ଓ ସାଜସଜ୍ଜା ବର୍ଗରେ ବିଜେତା ହୋଇଥିବା ବେଳେ ପୁରୁଣାବସ୍ତିର ରାଧାମାଧବ ମନ୍ଦିର ଗଣେଶ ପୂଜା କମିଟି ଶ୍ରେଷ୍ଠ ଗଣେଶ ମୂର୍ତ୍ତି ବର୍ଗରେ ବିଜୟୀ ହୋଇଛି। ବେହେରାମାଲସ୍ଥିତ ଏମ୍ପିଏଲ୍ ଅଡିଟୋରିୟମ୍ ରେ ଏକ ଭବ୍ୟ ସାଂସ୍କୃତିକ ଓ ପୁରସ୍କାର ବିତରଣ ସମାରୋହରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ଝାରସୁଗୁଡ଼ା ଏସ୍ପି ଜି.ଆର.ରାଘବେନ୍ଦ୍ର, ଆଇପିଏସ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସିଦ୍ଧାର୍ଥ ଆୱାସ୍ଥୀ, ରିତେଶ ଶର୍ମା ଓ କୃଷ୍ଣ ମୁନ୍ଦ୍ରାଙ୍କୁ ନେଇ ଗଠିତ ଝାରସୁଗୁଡ଼ା ପୂଜା ପୁରସ୍କାର କମିଟି ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅନଲାଇନ୍ ଭୋଟିଂ ମାଧ୍ୟମରେ ତିନିଟି ପ୍ରମୁଖ ବର୍ଗରେ ବିଜେତା ଚୟନ କରାଯାଇଥିଲା। ମୋଟ ୬୬,୯୬୩ ଭୋଟ ପଡ଼ିଥିବା ବେଳେ ୨୩,୭୭୨ ଜଣ ଲୋକ ଭୋଟିଂରେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ମଣ୍ଡପ ଓ ସାଜସଜ୍ଜା ବର୍ଗରେ ହାଉସିଂ ବୋର୍ଡ କଲୋନୀ ପୂଜା କମିଟିକୁ ୩୧ ହଜାର ଟଙ୍କା ଏବଂ ପୁରୁଣାବସ୍ତିର ଶ୍ରୀଶ୍ରୀ ଗଣେଶ ପୂଜା କମିଟିକୁ ରନର୍ସଅପ୍ ଭାବେ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶ୍ରୀଶ୍ରୀ ଗଣେଶ ପୂଜା କମିଟି ପକ୍ଷରୁ ତିରୁପତି ମନ୍ଦିର ଥିମ୍ ରେ ମଣ୍ଡପ ନିର୍ମାଣ କରାଯାଇଥିଲା। ଶ୍ରେଷ୍ଠ ଗଣେଶ ମୂର୍ତ୍ତି ବର୍ଗରେ ରାଧାମାଧବ ମନ୍ଦିର ଗଣେଶ ପୂଜା କମିଟି ୨୧ ହଜାର ଟଙ୍କାର ପ୍ରଥମ ପୁରସ୍କାର ହାସଲ କରିଥିବା ବେଳେ ବିଟିଏମ୍ ର ବ୍ରଦର୍ସ କ୍ଲବ୍ ୧୧ ହଜାର ଟଙ୍କାର ରନର୍ସଅପ୍ ପୁରସ୍କାର ପାଇଥିଲା। ସେହିପରି ସ୍ୱଚ୍ଛ ଓ ଶୃଙ୍ଖଳିତ ମଣ୍ଡପ ବର୍ଗରେ ମଙ୍ଗଳବଜାରର ଶିବଶକ୍ତି ନବଯୁବକ ସଂଘ ପ୍ରଥମ ହୋଇ ୧୧ ହଜାର ଟଙ୍କା ପାଇଥିବା ବେଳେ କାଳୀମନ୍ଦିରର ବିଘ୍ନହର୍ତ୍ତା କ୍ଲବ୍ କୁ ୫,୧୦୦ ଟଙ୍କାର ଦ୍ୱିତୀୟ ପୁରସ୍କାର ମିଳିଥିଲା। ଶ୍ରେଷ୍ଠ ବିସର୍ଜନ ବର୍ଗରେ ବୁରୋମାଲର ଡିଏକ୍ସ କ୍ଲବ୍ ଓ ପୁରୁଣାବସ୍ତିର ଶ୍ରୀଶ୍ରୀ ଗଣେଶ ପୂଜା କମିଟି ଯୁଗ୍ମ ବିଜେତା ହୋଇଥିଲେ। ଉଭୟ କମିଟିକୁ ୧୧ ହଜାର ଟଙ୍କା ଲେଖାଏଁ ପୁରସ୍କାର ଦିଆଯାଇଥିଲା। ଏହା ବ୍ୟତୀତ ୭ଟି ସ୍ୱତନ୍ତ୍ର ଜୁରି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ପୁରସ୍କାରର ମୂଲ୍ୟ ୫,୧୦୦ ଟଙ୍କା ଥିଲା। ରାଧାମାଧବ ଗଣେଶ ପୂଜା କମିଟି, ବିବେକାନନ୍ଦ କ୍ଲବ୍, ବୃନ୍ଦାବନ ଯୁବଶକ୍ତି କ୍ଲବ୍ ଓ ଥାନା ଛକ୍ କେ ରାଜାଙ୍କୁ ସୃଜନଶୀଳ ମଣ୍ଡପ ପାଇଁ ସମ୍ମାନିତ କରାଯାଇଥିଲା। ଜୟ ମାତା ଦି କ୍ଲବ୍, ଦ କିଙ୍ଗ୍ ଅଫ୍ ମଙ୍ଗଳବଜାର-ଷ୍ଟାର କ୍ଲବ୍ ଏବଂ ଶ୍ରୀ ସିଂହବାହିନୀ ଗଣେଶ ପୂଜା ଅନୁଷ୍ଠାନକୁ ସୃଜନଶୀଳ ଗଣେଶ ମୂର୍ତ୍ତି ପାଇଁ ପୁରସ୍କୃତ କରାଯାଇଥିଲା। ତିନିଟି ପ୍ରମୁଖ ବର୍ଗର ସମୁଦାୟ ଭୋଟ ହିସାବରେ ହାଉସିଂ ବୋର୍ଡ ଗଣେଶ ପୂଜା କମିଟି ସର୍ବାଧିକ ୧୩,୨୩୦ ଭୋଟ ପାଇ ପ୍ରଥମ ସ୍ଥାନରେ ରହିଥିଲା। ରାଧାମାଧବ ମନ୍ଦିର ଗଣେଶ ପୂଜା କମିଟି ୧୩,୧୬୩ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଶ୍ରୀଶ୍ରୀ ଗଣେଶ ପୂଜା କମିଟି ୬,୪୪୦, ବ୍ରଦର୍ସ କ୍ଲବ୍ ୬,୦୨୦ ଏବଂ ଡିଏକ୍ସ କ୍ଲବ୍ ୫,୬୦୯ ଭୋଟ ପାଇଥିଲେ। ସମାରୋହର ଏକ ଭାବବିହ୍ୱଳ ମୁହୂର୍ତ୍ତରେ ରାଧାମାଧବ ମନ୍ଦିର ଗଣେଶ ପୂଜା କମିଟି ନିଜର ୨୧ ହଜାର ଟଙ୍କାର ସମ୍ପୂର୍ଣ୍ଣ ପୁରସ୍କାର ରାଶି ଯାଜପୁରର ଚିକିତ୍ସାଧୀନ ଶିଶୁ ତ୍ରିଶାଙ୍କ ଚିକିତ୍ସା ପାଇଁ ଦାନ କରିଥିଲେ। ଶିଶୁଟିର ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକତା ରହିଛି। ଗଣେଶ ପୂଜା ଓ ବିସର୍ଜନ ସମୟରେ ଶାନ୍ତିଶୃଙ୍ଖଳା ଏବଂ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ପୁଲିସକୁ ମଧ୍ୟ ସମାରୋହରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍, ଅମନ ଚାଟାର୍ଜୀ, ରୁବି'ସ ନାଟ୍ୟମ୍ ଡ୍ୟାନ୍ସ ଏକାଡେମୀ ଓ ବୃନ୍ଦାବନ ଷ୍ଟୁଡିଓ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ ପରିବେଷଣ ହୋଇଥିଲା। ଜୟନ୍ତ ନନ୍ଦ ଓ ଅଧ୍ୟାପିକା ସୁଚିସ୍ମିତା ଗୁରୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଝାରସୁଗୁଡ଼ା ପୌରପାଳିକା ଉପାଧ୍ୟକ୍ଷ ରାଜୁ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ସମାରୋହରେ ଉପସ୍ଥିତ ଥିଲେ। ବ୍ରାହ୍ମଣ ମହିଳା ସମିତି, ଜେସିଆଇ ଆଚିଭର୍ସ ଓ ରୋଟାରି କ୍ଲବ୍ ଅଫ୍ ଝାରସୁଗୁଡ଼ା ଗ୍ରୀନ୍ ସମେତ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ମଧ୍ୟ ଯୋଗଦେଇଥିଲେ। ଆୟୋଜକଙ୍କ କହିବା ଅନୁଯାୟୀ, ଝାରସୁଗୁଡ଼ାର ପାରମ୍ପରିକ ଉତ୍ସବ ସଂସ୍କୃତିକୁ ଆହୁରି ପ୍ରୋତ୍ସାହିତ କରିବା, ପୂଜା କମିଟିଗୁଡ଼ିକ ମଧ୍ୟରେ ସୃଜନଶୀଳତା, ପରିଚ୍ଛନ୍ନତା ଓ ଶୃଙ୍ଖଳାକୁ ଉତ୍ସାହିତ କରିବା ସହ ଜନସାଧାରଣଙ୍କ ସ୍ୱଚ୍ଛ ଓ ସ୍ୱଚ୍ଛନ୍ଦ ଅଂଶଗ୍ରହଣ ପାଇଁ ଏହି ପୁରସ୍କାରର ପରିକଳ୍ପନା କରାଯାଇଛି।




# ଅକ୍ଟୋବର ୮ରେ ଇଣ୍ଡିଆ ବ୍ଲକ୍ ଆହ୍ୱାନରେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ



ରାଉରକେଲା,୬/୧୦(ନି/ପ୍ର): ୨୦୨୬ ଅକ୍ଟୋବର ୮ରେ ଇଣ୍ଡିଆ ବ୍ଲକ୍ ଆହ୍ୱାନରେ ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରା ଦିଆଯାଇଛି। ଏମ୍.ଏମ୍.ଡି.ଆର୍ ସଂଶୋଧନ ଆଇନ୍-୨୦୨୬ ରଦ୍ଦ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ଆଇନ ଫଳରେ ସଂଘୀୟ ଢାଚାଂ ଉପରେ ଆକ୍ରମଣ ସହ ଓଡ଼ିଶାର ସ୍ୱାର୍ଥ ଭୁଲୁଣ୍ଠିତ ହୋଇଯିବ ବୋଲି ଇଣ୍ଡିଆ ବ୍ଲକ ପକ୍ଷରୁ କୁହାଯାଇଛି। ସୁପ୍ରିମ୍ କୋର୍ଟଙ୍କ ରାୟ, ଯାହା ଓଡ଼ିଶାର ସ୍ୱାର୍ଥକୁ ରକ୍ଷା କରୁଥିଲା ତାହା ଧୂଳିସାତ ହେବା ସହିତ ରାଜ୍ୟ ହଜାର ହଜାର କୋଟି ଟଙ୍କାରରାଜସ୍ୱ ହରାଇବ ଏବଂ ପୂର୍ବରୁ ବକେୟା ଥିବା ଦେଢଲକ୍ଷକୋଟି ଟଙ୍କାର ରାଜସ୍ୱ ଓଡିଶା ହାତରୁ ଛଡ଼ାଇ ନିଆଯାଇଛି ବୋଲି ଇଣ୍ଡିଆ ବ୍ଲକ ପକ୍ଷରୁ କୁହାଯାଇଛି। ଓଡିଶାର ସ୍ୱାର୍ଥ ଓ ସ୍ୱାଭିମାନର ରକ୍ଷା କରିବାପାଇଁ ଏହି ଆଇନକୁ ରଦ୍ଦ କରାଯିବା ପାଇଁ ଦାବି କରାଯାଇଛି। ଗଣତନ୍ତ୍ରର ହତ୍ୟାକାରୀ ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ୍ କୁମାରଙ୍କୁ ବହିଷ୍କାର କରିବା ପାଇଁ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଦାବି କରାଯିବା ସହିତ ଭୋଟ୍ ଚୋରି ସଂପର୍କରେ ଆଗରୁ ଯାହା ଚର୍ଚ୍ଚା ହେଉଥିଲା ତାହା ଆଜି ପ୍ରମାଣିତ ହୋଇଛି ବୋଲି ଦାବି କରାଯାଇଛି। ନିର୍ବାଚନ କମିଶନ୍‌ରେ ଥିବା ୨ଜଣ ସଦସ୍ୟ ସୁଖବିର ସିଂ ସାନ୍ଧୁ ଏବଂ ବିବେକ୍ ଯୋଶୀ ମୁଖ୍ୟ ନିର୍ବାଚନ କମିଶନ୍ ଜ୍ଞାନେଶ୍ କୁମାରଙ୍କର ଆପତ୍ତିଜନକ କାର୍ଯ୍ୟ ବିରୁଦ୍ଧରେ ଏସ୍.ଆଇ.ଆର କାର୍ଯ୍ୟ ଚାଲିଥିବା ଦଶମାସ ମଧ୍ୟରେ ଚଉଦ ଥର ଆପତି ଜଣାଇଥିଲେ ମଧ୍ୟ ଜ୍ଞାନେଶ୍ କୁମାର କୌଣସି କଥାକୁ କର୍ଣ୍ଣପାତ କରିନଥିଲେ ଏବଂ ୧୩କୋଟି ଭୋଟରଙ୍କର ନାମ ଭୋଟର ତାଲିକାରୁ ବାଦ୍ ଦେଇଥିଲେ ଓ ଫର୍ମ-୬ରେ ଅଗଣତାନ୍ତ୍ରିକ ଭାବରେ ବଦଳ କରାଯାଇଥିଲା । ଏହା ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ପ୍ରକାଶିତ ହେବାପରେ କେନ୍ଦ୍ର ସରକାର ଏବଂ ଜ୍ଞାନେଶ୍ କୁମାରଙ୍କର ଅସଲ ଚେହେରା ପଦାରେ ପଡିଛି ତେଣୁ ଗଣତନ୍ତ୍ରର ହତ୍ୟାକାରୀ ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରାଯିବା ପାଇଁ ଦାବି କରାଯାଇଛି। ଓଡ଼ିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦେବା ପାଇଁ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଦାବି କରାଯାଇଛି। ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ରସାତଳଗାମୀ କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଚାଂବନଟି ବହିରେ ୧୭୪୧ଟି ଭୁଲ ଏବଂ ତାକୁ ବଦଳାଯାଇ ନପାରିବା କିମ୍ୱା ନିର୍ଭୁଲ ବହି ଯୋଗାଇବାରେ ବ୍ୟର୍ଥ ଓଡିଶା ସରକାରର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଚୁପଚାପ୍ ବସିଛନ୍ତି ବୋଲି ଇଣ୍ଡିଆ ବ୍ଲକ ପକ୍ଷରୁ ଅଭିଯୋଗ କରାଯାଇଛି। ଚଳିତ ଶିକ୍ଷାବର୍ଷର ସାତମାସ ଧରି ଛାତ୍ରଛାତ୍ରୀମାନେ ତୃଟିପୂର୍ଣ୍ଣ ବହି ପଢୁଛନ୍ତି । ଏହି ତୃଟିପୂର୍ଣ୍ଣ ବହି ଛପାଇ ସରକାର ରାଜକୋଷରୁ ୩୮୦କୋଟି ଟଙ୍କା ବରବାଦ କରିଦେଇଛନ୍ତି ବୋଲି ଅଭିଯୋଗ କରାଯାଇଛି। ଏଣୁ ଶିକ୍ଷା ବ୍ୟବସ୍ଥାକୁ ତଳିତଳାନ୍ତ କରିଥିବା ଓଡ଼ିଶା ସରକାରଙ୍କର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଇଣ୍ଡିଆ ବ୍ଲକ ପକ୍ଷରୁ ଦାବି କରାଯାଇଛି। ବନ୍ୟା ପ୍ରପୀଡ଼ିତଙ୍କୁ ତୁରନ୍ତ ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ଇଣ୍ଡିଆ ବ୍ଲକ ପକ୍ଷରୁ ଦାବି କରାଯାଇଛି। ରାଜ୍ୟର ଅନେକ ଉପକୂଳବର୍ତ୍ତୀ ଜିଲ୍ଲାରେ ବନ୍ୟା ଯୋଗୁଁ ପ୍ରଭୃତ କ୍ଷୟକ୍ଷତି ହେବା ସହିତ ଜନଜୀବନ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି । ଏହି ସମୟରେ ତାର ମୁକାବିଲା କରି ଲୋକଙ୍କୁ ସହାୟତା ଯୋଗାଇଦେବା ପରିବର୍ତ୍ତେ ବିଜେପିର ନେତାମନ୍ତ୍ରୀମାନେ ଦିଲ୍ଲୀରେ ଭୋଜି କରି ମଉଜ ମଜଲିସ୍‌ରେ ମାତିଛନ୍ତି ବୋଲି ଇଣ୍ଡିଆ ବ୍ଲକ ପକ୍ଷରୁ ଦାବି କରାଯାଇଛି। ଏହି ସମସ୍ତ ଦାବି ଆଦାୟ ପାଇଁ ଅକ୍ଟୋବର ୮ ତାରିଖ ଇଣ୍ଡିଆ ଗଠବନ୍ଧନ ପକ୍ଷରୁ ଓଡ଼ିଶା ବନ୍ଦର ଡାକରା ଦିଆଯାଇଛି । ନିଜ ରାଜ୍ୟର ସ୍ୱାର୍ଥ ଓ ସ୍ୱାଭିମାନର ରକ୍ଷା ପାଇଁ ଏହି ବନ୍ଦକୁ ସଫଳ କରିବାପାଇଁ ଗଠବନ୍ଧନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ୧୨ ଘଣ୍ଟିଆ ବନ୍ଦ ଡାକରାରେ ଇଣ୍ଡିଆ ଗଠବନ୍ଧନରେ ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ(ଏମ୍), ସି.ପି.ଆଇ, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଭାଗ ନେଉଛନ୍ତି ବୋଲି ଆଜି ରାଉରକେଲା ସେକ୍ଟର-୧୬ ଶ୍ରମିକ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଜାତୀୟ କଂଗ୍ରେସର ରାଉରକେଲା ଜିଲ୍ଲା ସଭାପତି ସବୀର ହୁସେନ, ରାଜ୍ୟ ପର୍ଯ୍ୟବେକ୍ଷକ ରାମଚନ୍ଦ୍ର ହାଁସଦା ଓ ଶ୍ରୀୟାସ୍ମିତା ପଣ୍ଡା, ପ୍ରମୋଦ ପ୍ରଧାନ, ଗଣେଶ ଚନ୍ଦ୍ର ସାହୁ, ଜ୍ଞାନେନ୍ଦ୍ର ଦାସ, ଖଦାଳ ସେଠୀଙ୍କ ସମେତ ସିପିଆଇ(ଏମ୍)ର ରାଜ୍ୟ କମିଟି ସଭ୍ୟ ଜାହାଙ୍ଗୀର ଅଲ୍ଲୀ, ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି ଓ ରାଜକିଶୋର ପ୍ରଧାନ, ଜିଲ୍ଲା କମିଟି ସଭ୍ୟ ବସନ୍ତ ନାୟକ, ସିପିଆଇ ଜିଲ୍ଲା ସମ୍ପାଦକ ପ୍ରଦୋଷ ମହାନ୍ତି, ସଦାନନ୍ଦ ସାହୁ, ରମେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭଗବାନ ଅଗ୍ରସେନ ଜୟନ୍ତୀ ପାଳନର ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ



ରାଉରକେଲା,୬/୧୦(ନି/ପ୍ର): ଅଗ୍ରସେନ ଭବନ ଠାରେ ଅଷ୍ଟ ଦିବସୀୟ ଭଗବାନ ଅଗ୍ରସେନ ଜୟନ୍ତୀ ପାଳନର ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ରାଉରକେଲାର ମହାରାଜା ଅଗ୍ରସେନ ସେବା ସଂଘ ପକ୍ଷରୁ, ଅକ୍ଟୋବର ୫ ସୋମବାର ୫୧୮୦ତମ ଭଗବାନ ଅଗ୍ରସେନ ଜୟନ୍ତୀ ପାଳନର ଉଦ୍ଘାଟନୀ ଦିବସ ପରେ ଆଜି ଦ୍ୱିତୀୟ ଦିନରେ ଅଗ୍ରସେନ ଭବନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ, ମହାରାଜା ଅଗ୍ରସେନଙ୍କ ଫଟୋଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ, ମହାରାଜା ଅଗ୍ରସେନ ସେବା ସଂଘର ସଭାପତି ପୂର୍ଣ୍ଣମଲ ଅଗ୍ରୱାଲ, କାର୍ଯ୍ୟକ୍ରମର ସଂଯୋଜକ ଅଶୋକ ଅଗ୍ରୱାଲ (ବରସୁଆ), ଉପାଧ୍ୟକ୍ଷ ଶ୍ୟାମ ସୁନ୍ଦର ଅଗ୍ରୱାଲ, ରିଷି ଆର୍ଯ୍ୟ, ସଚିବ ଶୈଳେନ୍ଦ୍ର ମାରୋଥିଆ, ଯୁଗ୍ମ ସମ୍ପାଦକ ଦେବେନ୍ଦ୍ର ଗୁପ୍ତା, ଯୁଗ୍ମ ସମ୍ପାଦକ ଏବଂ ସଂଯୋଜକ ବବଲୁ ଗୋୟଲ, ପୂର୍ବତନ ସଭାପତି ବ୍ରିଜମୋହନ ଅଗ୍ରୱାଲ, ହରିଓମ ବଂଶଲ, ଓମପ୍ରକାଶ ବାପୁଡିଆ, ସୁରେଶ କେଜରିୱାଲ, ଟ୍ରଷ୍ଟି ଅଶୋକ ଅଗ୍ରୱାଲ ରୋମକୋ, ମହେଶ ଅଗ୍ରୱାଲ ଏବଂ ସଂଘର ବରିଷ୍ଠ ପଦାଧିକାରୀ ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ। ଅପରାହ୍ନ ୪ଟାରୁ ପିଲା, ମହିଳା ଏବଂ ପୁରୁଷମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଅକାଟା ଫଳର ଟୋକେଇ ସଜାଇବା, ନୋଟ ସହିତ ଗୁଚ୍ଛ ସଜାଇବା, ତା'ପରେ ମା ହିତ ମା, ତୁରନ୍ତ ନୋଟ ଗଣନା, ପ୍ରକଳ୍ପ ଉପରେ ଆଧାରିତ କବିତା, ବିବାହିତ ମହିଳା ଏବଂ ପ୍ରସନ୍ନଙ୍କ ପାଇଁ ଗେରୁଆ ସହିତ ମଣ୍ଡନା ପ୍ରତିଯୋଗିତା, ସମସ୍ତ ଶ୍ରେଣୀ ପାଇଁ ୧ ମିନିଟ୍ ପ୍ରତିଯୋଗିତା, ମକା ଗୁଲ୍ଲ ସହିତ ହସ୍ତଶିଳ୍ପ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଜୟୀ ପ୍ରତିଭାମାନଙ୍କୁ ଅତିଥିମାନେ ସ୍ମାରକୀ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ ସହଯୋଗୀ ସଂଗଠନ ମାରୱାଡ଼ି ଯୁବା ମଂଚ ଜାଗୃତି ମହିଳା ଶାଖାର ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ବହୁ ସଂଖ୍ୟକ ପିଲା ଏବଂ ମହିଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



## ଆଇନ ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା



ରାଉରକେଲା,୬/୧୦(ନି/ପ୍ର): ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ରାଉରକେଲା ଆଇନ ମହାବିଦ୍ୟାଳୟରେ ଆନ୍ତଃ ମହାବିଦ୍ୟାଳୟ ଏକକ ସଂଗୀତ ଓ ସାମାଜିକ ବାର୍ତ୍ତା ରିଲ୍ସ ପ୍ରତିଯୋଗୀତା ଅନୁଷ୍ଠିତ ସୋଇଯାଇଛି। ପ୍ରତିଯୋଗୀତା ଗୁଡିକରେ ବିଚାରକ ଭାବେ ଗୁରୁ ପ୍ରଦୀପ କୁମାର ପଣ୍ଡା, ଗୁରୁ ସ୍ୱର୍ଣ୍ଣଲେଖା ମହନ୍ତ, ବରିଷ୍ଠ ସାମ୍ବାଦିକ କୁଞ୍ଜବିହାରୀ ରାଉତ ଓ ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଏହି ଉଭୟ ପ୍ରତିଯୋଗିତାରେ ରାଉରକେଲା ଆଇନ ମହାବିଦ୍ୟାଳୟ, ମ୍ୟୁନିସିପାଲ ମହାବିଦ୍ୟାଳୟ, ଇସ୍ପାତ ବିଦ୍ୟାମନ୍ଦିର,ଆଇଆଇପିଏମ୍, ବିଇଡି କଲେଜ,ଏସଜି ମହିଳା ମହାବିଦ୍ୟାଳୟ, ହୋମିଓପାଥିକ କଲେଜ,ଡାମିଟ୍ସ,ହାଇଟେକ୍ ମେଡିକାଲ୍ କଲେଜ ଓ ରାଜଗାଙ୍ଗପୁର କଲେଜର ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ସଂଗୀତ ପ୍ରତିଯୋଗୀତାରେ ତବଲା ରେ ଗୁରୁ ଗୌରାଙ୍ଗ ଗୋଛାୟତ,କେସିଓ ରେ ଗୁରୁ ଦେବ ରଣା ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତା ଗୁଡିକରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ପୁରସ୍କୃତ କରାଯିବ। ଧରିତ୍ରୀ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ଭାରପ୍ରାପ୍ତ ଅଧକ୍ଷା ଡ ସମ୍ପାଦିକା ମହାନ୍ତି,ଡ ତନ୍ମୟ ରାଜ ପାଢ଼ୀ,ଡ଼ ଦିବ୍ୟେନ୍ଦୁ ପଣ୍ଡା, ଅନୁସ୍ମିତା ମହାନ୍ତି, ମନୋରଞ୍ଜନ ମହାନ୍ତି, ସୁଜାତା ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ଦେବାଶିଷ ବେହେରା, ଟେକ୍ନିକାଲ ବିଶେଷଜ୍ଞ ଅକ୍ଷୟ ଦାଶ, ଅମିତା ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନନ୍ଦକିଶୋର ମହନ୍ତ, ହୃଦୟ ରଞ୍ଜନ ମହାନ୍ତି, ଆୟୁଷ୍ମାନ ସାହୁ,ଦେବକୀ କାରୁଆ, ରବିନ୍ଦ୍ର ବାଲମୁଚୁ,ରଜତ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରୀ ରୀତୁ କୁମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ରାଜ୍ୟସଂଘ ପକ୍ଷରୁ ୭ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



ରାଉରକେଲା,୬/୧୦(ନି/ପ୍ର): ରାଉରକେଲା ମହାନଗର ନିଗମ ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ରାଜ୍ୟ ସଂଘ ପକ୍ଷରୁ ୭ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପାନପୋଷ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସରକାରଙ୍କ ଠାରେ ଉପସ୍ଥାପିତ ପାଚିକାଙ୍କ ସର୍ବନିମ୍ନ ୭ ଦଫା ଦାବି ପୂରଣ ହୋଇନଥିବା ବେଳେ, ପାଚିକା ମାଆମାନେ କରିଥିବା କାମ ପାଇଁ୩ ମାସର ପ୍ରାପ୍ୟ ନ ମିଳିବା ପ୍ରତିବାଦରେ ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ବିଜୁ ସାମୁଖ୍ୟ ସହବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ରାଜ୍ୟସଂଘ ଆନୁକୂଲ୍ୟରେ ରାଉରକେଲା ମହାନଗର ନିଗମର ସମସ୍ତ ମଧ୍ୟାହ୍ନ ଭୋଜନ ପାଚକ ପାଚିକାମାନେ, ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୩୦ ବର୍ଷ ଧରି କଠିନ ପରିଶ୍ରମ କରି ମଧ୍ୟାହ୍ନଭୋଜନ ସହ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ କରିଆସୁଥିଲେ ଏବଂ ସେଥିପାଇଁ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ଦାବି କରିଆସୁଥିଲେ ମଧ୍ୟ ଅଦ୍ୟାବଧି ମାସକୁ ମାତ୍ର ୩ ହଜାର ଟଙ୍କା, ଯାହାକି ଦୈନିକ ପାରିଶ୍ରମିକ ୧୦୦ ଟଙ୍କା ହୋଇଥିବା ବେଳେ, ସଂଘ ପକ୍ଷରୁ ସର୍ବନିମ୍ନ ପାରିଶ୍ରମିକ ୪୭୨ ଟଙ୍କା ସହ ଅନ୍ୟାନ୍ୟ ୭ ଦଫା ଦାବି ପୂରଣ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେହି ଦାବିକୁ କେହି କର୍ଣ୍ଣପାତ କରୁନାହାନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଗତ ତିନି ମାସ ଧରି ପାଚକ ପାଚିକା କରିଥିବା କାର୍ଯ୍ୟର ମାସିକ ପ୍ରାପ୍ୟ ସରକାରଙ୍କ ପକ୍ଷରୁ ବକେୟା ରଖାଯାଇଛି। ଏଭଳି ଏକ ଦୁଃଖଦ ପରିସ୍ଥିତିରେ ପାଚକ ପାଚିକା ରାଜ୍ୟ ସଂଘ ପକ୍ଷରୁ ମୌଳିକ ୭ ଦଫା ଦାବିକୁ ପୂରଣ କରିବା ସହିତ ପୂଜା ପୂର୍ବରୁ ସମସ୍ତ ପାଚକ ପାଚିକାଙ୍କ ବକେୟା ଦରମା ପ୍ରଦାନ କରାଯିବା ପାଇଁ ଦାବି କରାଯାଇଛି। ଏହାର ବ୍ୟତିକ୍ରମ ହେଲେ ସମଗ୍ର ଓଡ଼ିଶାରୁ ପାଚକ ପାଚିକାମାନେ ଜୋରଦାର ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ସଂଘ ପକ୍ଷରୁ ବୋଲି ଚେତାବନୀ ଦିଆଯାଇଛି। ୭ ଦଫା ଦାବି ମଧ୍ୟରେ ରହିଛି ଦୀର୍ଘ ୩୦ ବର୍ଷ ଧରି ମଧ୍ୟାହ୍ନଭୋଜନ କାର୍ଯ୍ୟକୁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଆସୁଥିବା ମାଆମାନଙ୍କୁ ତୁରନ୍ତ ନିଯୁକ୍ତିପତ୍ର ସହିତ ପରିଚୟ ପତ୍ର ପ୍ରଦାନ। ପାଚିକା ସହାୟିକା ମାଆମାନେ ସ୍କୁଲ୍‌ରେ ୮ଟାରୁ ପ୍ରବେଶ କରି ସ୍କୁଲ୍ ସଫା ସୁତୁରା ସହିତ ଜଳ ଯୋଗାଣ, ପରିବେଶ ସୁରକ୍ଷା, ମଧ୍ୟାହ୍ନଭୋଜ ଭଳି ସାମଗ୍ରିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ପାରିଶ୍ରମିକ ମାତ୍ର ୧୦୦ ଟଙ୍କା ଦିଆଯାଉଥିବା ବେଳେ ତାହାକୁ ପରିବର୍ତ୍ତନ କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ୪୭୨ ଟଙ୍କା ହିସାବରେ ମାସିକ ୧୪,୧୬୦ ଟଙ୍କାରୁ ଉର୍ଦ୍ଧ୍ୱ ଦରମା ପ୍ରଦାନ। ତୁରନ୍ତ ସ୍କୁଲ୍ ମ୍ୟାନେଜ୍‌ମେଂଟ କମିଟି ନିକଟରୁ ମାଆମାନଙ୍କର ନିୟନ୍ତ୍ରଣ ବ୍ୟବସ୍ଥାକୁ ମୁକ୍ତ କରାଯାଇ ସରକାର ଶିକ୍ଷା ବିଭାଗ ନିଯୁକ୍ତି ଓ ପ୍ରତ୍ୟାହାର ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଆହ୍ୱାନ ଦିଆଯାଇଛି। ୨୦୧୮ ମସିହାରେ ଘୋଷିତ ଦରମା ଯାହାକି ୨୦୦୦ଟଙ୍କା ଘୋଷଣା କରାଯାଇ ୧୪୦୦ ଟଙ୍କା ଦିଆଯାଉଥିଲା ଏବଂ ପରବର୍ତ୍ତୀ ସମୟରେ ୨୦୦୦ ଟଙ୍କା ଘୋଷଣା କରାଯାଇ ପୂର୍ବ ବକେୟାକୁ ବନ୍ଦ ରଖାଯାଇଥିବା ଦରମା ପ୍ରାୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ବକେୟା ପ୍ରାପ୍ୟ ତୁରନ୍ତ ଦେବାକୁ ଦାବି କରାଯାଇଛି। ୧୦୦ ଟଙ୍କାରୁ ଆରମ୍ଭ କରି ଖୁବ୍ କମ୍ ଦରମାରେ ମଧ୍ୟାହ୍ନଭୋଜନ ଯୋଗାଇ ଆସୁଥିବା ମାଆମାନଙ୍କୁ ୬୦ ବର୍ଷ ବୟସର ଆଳ ଦେଖାଇ ବାହାର କରାଯାଉଥିବା ବେଳେ ପୁନଃ ସେମାନଙ୍କ ପରିବାରର ଜଣକୁ ନିଯୁକ୍ତି ଦିଆଯିବା ସଂଗେ ସଂଗେ କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁ ହେଲେ ଦେବାକୁ ଥିବା ୧ ଲକ୍ଷ ଟଙ୍କାକୁ ଅବସରକାଳୀନ ଭତ୍ତା ସ୍ୱରୂପ ଦେବା ପାଇଁ ଦାବି କରାଯାଇଛି। ବର୍ତ୍ତମାନ ଦିଆଯାଉଥିବା ସମୁଦ୍ରକୁ ଶଙ୍ଖେ ସ୍ୱରୂପ ଦରମା କେବେବି ମାସର ପ୍ରଥମ ସପ୍ତାହରେ ଦିଆଯାଉ ନଥିବା ବେଳେ ତାହାକୁ ମାସର ପ୍ରଥମ ସପ୍ତାହରେ ପ୍ରଦାନ କରାଯିବାକୁ ଦାବି କରାଯାଇଛି। ସମସ୍ତ କ୍ଷେତ୍ରରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ୧୨ ମାସର ଦରମା ଦିଆଯାଉଥିବା ବେଳେ କେବଳ ପାଚିକା ମା'ମାନଙ୍କୁ ୧୦ ମାସର ଦିଆଯାଉଥିବା ଦରମାକୁ ପରିବର୍ତ୍ତନ କରାଯାଇ ୧୨ ମାସର ଦରମା ପ୍ରଦାନ କରାଯିବାକୁ ଦାବି କରାଯାଇଛି। ନିଖିଳ ଓଡିଶା ପାଚକ ପାଚିକା ରାଜ୍ୟ ସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ ଉପସଭାପତି ଶାନ୍ତି ଲୋହାର, ରାଜ୍ୟ କୋଷାଧକ୍ଷ ସନ୍ଧ୍ୟାରାଣୀ ସ୍ୱାଇଁ, ଉପଦେଷ୍ଟା ସନ୍ଧ୍ୟା ଲାକ୍ରା, ଉପଦେଷ୍ଟା ପ୍ରଶାନ୍ତ ସେଠୀଙ୍କ ସମେତ ବାସନ୍ତୀ ସ୍ୱାଇଁ, ପ୍ରମୁଖ ଉପସ୍ଥିତ ଥିଲେ।

## ଟପରିଆ-ବିଲାଇମୁଣ୍ଡା ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା :

## ଟ୍ରେଲରକୁ ପିଟିଲା କାର




ସୁନ୍ଦରଗଡ,୬/୧୦(ନି/ପ୍ର): ଟପରିଆ- ବିଲାଇମୁଣ୍ଡା ରାସ୍ତା ସମରପିଣ୍ଡା ଗାଁରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଟ୍ରେଲରକୁ ପଛରୁ ଧକ୍କା ଦେଲା ମାରୁତି ଏସ୍-ପ୍ରେସୋ କାର (ଓଡି୨୩ ଏନ୍- ୬୦୭୮)। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ମୁତାବକ ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଟପରିଆ ପଟୁ ବିଲାଇମୁଣ୍ଡା ଅଭିମୁଖେ ଏକ ମାରୁତି ଏସ୍-ପ୍ରେସୋ କାର ଯାଉଥିଲା। ସମରପିଣ୍ଡା ଗାଁ ନିକଟରେ ଏକ ଟ୍ରେଲର (ସିଜି ୧୩ ଏଲ୍ ୭୪୦୦)କୁ କାରକୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋର୍ ଥିଲା ଯେ, କାରଟି ଭାଙ୍ଗି ଚୂରମାର ହୋଇ ଯିବା ସହ କାରରେ ଥିବା ରତନସରା ଗାଁର ମହେଶ ରୋହିଦାସ (୫୦)ଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। କାରରେ ବସିଥିବା ଅନ୍ୟ ଦୁଇ ବ୍ୟକ୍ତି ଛତାବର ଗାଁର ବନମାଳି ଭୋଇ (୪୫) ଓ ଛତିଶଗଡ଼ ସାରଙ୍ଗଗଡ଼ର ଉମାଶଙ୍କର ମହାରଥୀ (୪୯) ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରି ହେମଗିରି ଚିକିତ୍ସାଳୟରେ ଭର୍ତ୍ତିକରାଯାଇଛି। ରାତିର ଅନ୍ଧାରରେ ଏହି ଦୁର୍ଘଟଣା ପୁଣି ଥରେ ଟପରିଆ-ବିଲାଇମୁଣ୍ଡା ରାସ୍ତାର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି।

## ଚୋରା ମୋବାଇଲ୍ ପାର୍ଟସର ବଡ଼ କାରବାର ଠାବ, ୩ ଗିରଫ, ୨ ଲକ୍ଷ ର ସାମଗ୍ରୀ ଜବତ

ଭଦ୍ରକ, ୬/୧୦(ନି/ପ୍ର):ଏହି ଜିଲାର ଧାମନଗରରେ ଚୋରା ମୋବାଇ ପାର୍ଟସ୍ ର ବଡ଼ କାରବାର ଠାବ କରିଛି ପୁଲିସ। ଜୟନଗର ଗ୍ରାମରେ ଚଢ଼ାଉ କରି ୫୦୦ ମୋବାଇଲ୍ କଭର, ୨ ହଜାର ବ୍ୟାଟେରୀ, ୫୦୦ ଡିସପ୍ଲେ କମ୍ବୋ, ୫୦୦ କ୍ୟାମେରା ଓ ୬୦୦ ମଦର ବୋର୍ଡ ସମେତ ପ୍ରାୟ ୨ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରିଛି। ଘଟଣାରେ ପଶ୍ଚିମବଙ୍ଗର ୨ ଜଣଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଗୁପ୍ତ ସୂଚନା ଆଧାରରେ ଏସଆଇ ନାରାୟଣ ନାୟକଙ୍କ ନେତୃତ୍ୱରେ ପୁଲିସ ଜୟନଗର ସ୍ଥିତ ସାହା ସଦାମ ଙ୍କ ଘରେ ଚଢ଼ାଉ କରିଥିଲା। ସେଠାରୁ ସାହା ସଦାମ (୩୫), ପୂର୍ବ ମେଦିନୀପୁର ର ଉନୁସ ସାହା (୩୮) ଓ ରହିମ୍ ସାହା (୩୨)ଙ୍କୁ ଗିରଫ କରାଯାଇଥିଲା। ଜବତ ମୋବାଇଲ ପାର୍ଟସ ର କୌଣସି ବୈଧ କାଗଜପତ୍ର ଅଭିଯୁକ୍ତମାନେ ଦେଖାଇ ପାରିନଥିବା ପୁଲିସ କହିଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଏହି ସାମଗ୍ରୀ ଚୋରି କରି ସଂଗ୍ରହ କରାଯାଇଥିବା ନେଇ ସେମାନେ ସ୍ୱୀକାର କରିଥିବା ପୁଲିସ ର ଦାବି। ଉଲ୍ଲେଖନୀୟ ଯେ, ଘଟଣାରେ କୌଣସି ବାହ୍ୟ ଅଭିଯୋଗକୁ ଅପେକ୍ଷା ନକରି ଏସଆଇ ନାରାୟଣ ନାୟକ ନିଜେ ଅଭିଯୋଗକାରୀ ହୋଇ ମାମଲା ରୁଜୁ କରିଛନ୍ତି।

## ସେଲ ଆର୍ଥିକ ବର୍ଷ ୨୦୨୭ ର ପ୍ରଥମ ଅର୍ଧବାର୍ଷିକ(ଏଚ-୧) ରେ ଏକାଧିକ ସର୍ବୋତମ ମାଇଲଖୁଂଟ ହାସଲ

## ସେପ୍ଟେମ୍ବର ମାସରେ ଦୃଢ଼ ଗତିବେଗ ଅବ୍ୟାହତ



ରାଉରକେଲା,୬/୧୦(ନି/ପ୍ର): ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ) ଆର୍ଥିକ ବର୍ଷ ୨୭ ର ପ୍ରଥମ ଅର୍ଦ୍ଧବାର୍ଷିକ (ଏପ୍ରିଲ-ସେପଟ୍ଟେମ୍ବର ୨୦୨୬) ଏବଂ ସେପଟ୍ଟେମ୍ବର ୨୦୨୬ ରେ ଏକ ଅସାଧାରଣ ପ୍ରଦର୍ଶନ କରିଛି, ଯାହା ଉତ୍ପାଦନ, ବିକ୍ରି ଏବଂ ଦକ୍ଷତା ମାନଦଣ୍ଡରେ କେତେକ ସର୍ବୋତମ ମାଇଲଖୁଂଟ ହାସଲ କରିଛି। କାର୍ଯ୍ୟ ଉତ୍କର୍ଷତା, ଉଚ୍ଚମାନର ସ୍ପେଶାଲ୍ ଷ୍ଟିଲ୍ ଉତ୍ପାଦନ ଏବଂ ଆର୍ଥିକ ଶୃଙ୍ଖଳା ଉପରେ କମ୍ପାନୀର ଧ୍ୟାନ, ନିରନ୍ତର ଅଭିବୃଦ୍ଧି ଏବଂ ପ୍ରତିଯୋଗିତାମୂଳକ ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିଛି। ଏପ୍ରିଲ-ସେପଟ୍ଟେମ୍ବର ୨୦୨୬ (ଏଚ-୧ ଆର୍ଥିକ ବର୍ଷ ୨୭) ର ସମୁଦାୟ ଅବଧି ପାଇଁ, ସେଲ ହଟ୍ ମେଟାଲ୍, କ୍ରୁଡ୍ ଷ୍ଟିଲ୍ ଏବଂ ଫିନିସଡ୍ ଷ୍ଟିଲ୍ ରେ ଯଥାକ୍ରମେ ୧୦.୨ ନିୟୁତ ଟନ୍ , ୯.୬ ନିୟୁତ ଟନ୍ ଏବଂ ୮.୩୯ ନିୟୁତ ଟନ୍ ର ସର୍ବୋତମ ଉତ୍ପାଦନ ରେକର୍ଡ କରିଛି, ଯାହା ଗତ ବର୍ଷର ସମାନ ଅବଧି ତୁଳନାରେ ଯଥାକ୍ରମେ ୨%, ୧% ଏବଂ ୧% ଅଭିବୃଦ୍ଧି ପଞ୍ଜୀକୃତ କରିଛି। ସମୁଦାୟ ବିକ୍ରୟ ଯୋଗ୍ୟ ଷ୍ଟିଲ୍ ଉତ୍ପାଦନରେ ଫିନିସଡ୍ ଷ୍ଟିଲ୍ ଉତ୍ପାଦନର ପ୍ରତିଶତ ଏପ୍ରିଲ-ସେପଟ୍ଟେମ୍ବର ୨୦୨୫ ର ୮୬.୮% ରୁ ୮୯.୨% କୁ ବୃଦ୍ଧି ପାଇଛି। ଉଚ୍ଚ ଏନ.ଏସ.ଆର ଉତ୍ପାଦଗୁଡ଼ିକ ଉପରେ ଧ୍ୟାନ ଦେଇ, ସେଲ ପ୍ରାୟ ୨ ନିୟୁତ ଟନ୍ ର ସର୍ବୋତମ ଏପ୍ରିଲ-ସେପଟ୍ଟେମ୍ବର ଉଚ୍ଚମାନର ଷ୍ଟିଲ୍ ଉତ୍ପାଦନ ହାସଲ କରିଛି, ଯାହା ଗତ ବର୍ଷର ସମାନ ଅବଧି ତୁଳନାରେ ୩୦% ଅଭିବୃଦ୍ଧି ଦର୍ଶାଉଛି। ଉଭୟ ଲୁହାପଥର ଉତ୍ପାଦନ ଏବଂ ଲୁହାପଥର ବିକ୍ରି ମଧ୍ୟ ସେମାନଙ୍କର ସର୍ବୋତମ ଏପ୍ରିଲ-ସେପଟ୍ଟେମ୍ବର ପ୍ରଦର୍ଶନ ରେକର୍ଡ କରିଛି, ଯେଉଁଥିରେ ଲୁହାପଥର ଉତ୍ପାଦନ ସମାନ ଅବଧି ତୁଳନାରେ ୧୩% ବୃଦ୍ଧି ପାଇଛି ଏବଂ ଲୁହାପଥର ବିକ୍ରି ୧୯୦% ବୃଦ୍ଧି ପାଇ ୨.୬୭୧ ନିୟୁତ ଟନ୍ ରେ ପହଂଚିଛି। ଏହି ଅବଧି ମଧ୍ୟରେ, ଭାରତୀୟ ରେଳବାଇକୁ ଲଙ୍ଗ୍ ରେଲ୍ସ ଏବଂ ହୁଇଲ୍ସ ଓ ଏକ୍ସେଲ୍ସ ପଠାଇବା ପରିମାଣ ସମାନ ଅବଧି ତୁଳନାରେ ଯଥାକ୍ରମେ ୭% ଏବଂ ୩% ବୃଦ୍ଧି ପାଇଛି। ବୈଷୟିକ-ଅର୍ଥନୈତିକ କ୍ଷେତ୍ରରେ, ନିର୍ଦ୍ଦିଷ୍ଟ ଶକ୍ତି ଉପଯୋଗ ୬.୧୭ ଗିଗା କାଲୋରି /ଟି ସି ଏସ କୁ ହ୍ରାସ ପାଇଛି, ଯାହା ୦.୫% ଉନ୍ନତି ସହିତ ସର୍ବୋନ୍ନମ ଏଚ-୧ ପ୍ରଦର୍ଶନକୁ ଚିହ୍ନିତ କରୁଛି। ପ୍ରଥମ ଅର୍ଧବାର୍ଷିକ (ଏଚ- ୧) ଆର୍ଥିକ ବର୍ଷ ୨୭ ରେ, କମ୍ପାନୀ ଏହି ଅବଧି ମଧ୍ୟରେ ପ୍ରାୟ ୦.୧୪୫ ନିୟୁତ ଟନ୍ ର ଇନଭେଂଟରୀ ହ୍ରାସ ଏବଂ ପ୍ରାୟ ୧,୦୮୦ କୋଟି ଟଙ୍କାର ଋଣ ବୋଝ ହ୍ରାସ ହାସଲ କରିଛି। ସେପଟ୍ଟେମ୍ବର ୨୦୨୬ ରେ, ସୁସଂଗଠିତ ମାର୍କେଟିଂ ଉପରେ ଧ୍ୟାନ ଏବଂ ଦକ୍ଷତା ବୃଦ୍ଧି ଦୃଢ଼ ଫଳାଫଳ ଦେଇଛି, ଯେଉଁଥିରେ ସେଲ ୧.୬୯ ନିୟୁତ ଟନ୍ ର ସର୍ବୋତମ ସେପଟ୍ଟେମ୍ବର ବିକ୍ରୟ ଯୋଗ୍ୟ ଷ୍ଟିଲ୍ ବିକ୍ରି ହାସଲ କରିଛି, ଯାହା ଗତ ବର୍ଷ ର ସମାନ ଅବଧି ତୁଳନାରେ ୪% ଅଧିକ। କମ୍ପାନୀର ଏକ୍ସକ୍ଲୁସିଭ୍ ରିଟେଲ୍ ବ୍ରାଣ୍ଡେଡ୍ ଉତ୍ପାଦ, ସେଲ ସେ.କ୍ୟୁ.ଆର ଟି.ଏମ.ଟି ବାର, ୧.୫ ଲକ୍ଷ ଟନ୍‌ରୁ ଅଧିକ ସର୍ବାଧିକ ବିକ୍ରି ରେକର୍ଡ କରିଛି, ଯେତେବେଳେ କି ଟାୟାର-୨ ରିଟେଲ୍ ବିକ୍ରି ବାର୍ଷିକ ଆଧାରରେ ୩% ବୃଦ୍ଧି ପାଇଛି। ଏହି ମାସରେ ନିର୍ଦ୍ଦିଷ୍ଟ ଉତ୍ପାଦ ଯେପରିକି – ଷ୍ଟ୍ରକଚରାଲ୍ସ, ପ୍ଲେଟ୍ ମିଲ୍ ପ୍ଲେଟ୍ସ ଏବଂ ଜି.ପି ସିଟ୍ସ/ କଏଲ୍ସ ପାଇଁ ସର୍ବୋନ୍ନମ ସେପଟ୍ଟେମ୍ବର ବିକ୍ରି ମଧ୍ୟ ରେକର୍ଡ କରାଯାଇଛି। ସମୁଦାୟ ବିକ୍ରୟ ଯୋଗ୍ୟ ଷ୍ଟିଲ୍ ଉତ୍ପାଦନରେ ଫିନିସଡ୍ ଷ୍ଟିଲ୍ ଉତ୍ପାଦନର ପ୍ରତିଶତ ସେପଟ୍ଟେମ୍ବର ୨୦୨୫ ର ୮୯% ତୁଳନାରେ ୯୨% କୁ ବୃଦ୍ଧି ପାଇଛି। ଇନ୍ଧନ ହାର ୫୫୧ କିଲୋଗ୍ରାମ / ଟି.ଏଚ.ଏମ ହାସଲ ହୋଇଛି, ଯାହା ୧% ସୁଧାର ସହିତ ସର୍ବୋତମ ସେପଟ୍ଟେମ୍ବର ପ୍ରଦର୍ଶନ। ସମୁଦାୟ ଏପ୍ରିଲ-ସେପଟ୍ଟେମ୍ବର ଟ୍ରେଣ୍ଡ ପରି, ଉଭୟ ଲୁହାପଥର ଉତ୍ପାଦନ ଏବଂ ଲୁହାପଥର ବିକ୍ରି ସେମାନଙ୍କର ସର୍ବୋତମ ସେପଟ୍ଟେମ୍ବର ପ୍ରଦର୍ଶନ ପଞ୍ଜୀକୃତ କରିଛନ୍ତି। ସେପଟ୍ଟେମ୍ବର ୨୦୨୫ ତୁଳନାରେ ଲୁହାପଥର ଉତ୍ପାଦନ ୮% ବୃଦ୍ଧି ପାଇଥିବା ବେଳେ ଲୁହାପଥର ବିକ୍ରି ୦.୪୯୨ ନିୟୁତ ଟନ୍ କୁ ବୃଦ୍ଧି ପାଇଛି, ଯାହା ସେପଟ୍ଟେମ୍ବର ୨୦୨୫ ତୁଳନାରେ ୧୩୪% ଅଭିବୃଦ୍ଧି ସହ ଏକ ରେକର୍ଡ ସେପଟ୍ଟେମ୍ବର ସୃଷ୍ଟି କରିଛି। କମ୍ପାନୀ ଏହି ମାସ ମଧ୍ୟରେ ପ୍ରାୟ ୦.୧୯୨ ନିୟୁତ ଟନ୍ ଇନଭେଂଟରୀ ହ୍ରାସ ଏବଂ ପ୍ରାୟ ୨୦୮ କୋଟି ଟଙ୍କାର ଋଣ ହ୍ରାସ ମଧ୍ୟ ହାସଲ କରିଛି। ସେଲ ର ସେପଟ୍ଟେମ୍ବର ଏବଂ ଏଚ-୧ ଆର୍ଥିକ ବର୍ଷ ୨୦୨୬-୨୭ ଫଳାଫଳ ଦକ୍ଷତା, ନୂତନତା ଏବଂ ଆର୍ଥିକ ଶୃଙ୍ଖଳା ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଉଛି, ଯାହା କମ୍ପାନୀକୁ ଚଳିତ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ଦୃଢ଼ ଭାବରେ ସ୍ଥାପିତ କରୁଛି। ଏହି ପ୍ରଦର୍ଶନ ଉପରେ ମନ୍ତବ୍ୟ ଦେଇ ସେଲ ର ଅଧ୍ୟକ୍ଷ ଏବଂ ପ୍ରବନ୍ଧ ନିର୍ଦ୍ଦେଶକ ଡଃ ଏ.କେ. ପଣ୍ଡା କହିଛନ୍ତି, ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ଅର୍ଧବାର୍ଷିକ ଏବଂ ସେପଟ୍ଟେମ୍ବର ମାସର ଏହି ରେକର୍ଡ ସଫଳତା ଦକ୍ଷତା, ନୂତନତା ଏବଂ ସ୍ଥାୟୀ ଅଭିବୃଦ୍ଧି ପ୍ରତି ଆମର କର୍ମଚାରୀଙ୍କ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସେଲ ର ବ୍ୟାପକ ଉତ୍ପାଦନ ଶକ୍ତି ଏବଂ ଉଚ୍ଚମାନର ଷ୍ଟିଲ୍ ଉପରେ ଅଧିକ ଧ୍ୟାନ ସହିତ, ସେଲ ଆଗାମୀ ମାସଗୁଡ଼ିକରେ ଭାରତର ଶିଳ୍ପ ପ୍ରଗତିରେ ଆହୁରି ଦୃଢ଼ ଯୋଗଦାନ ଦେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ।